ଯିବି ଆର ପାରି

ଡକ୍ଟର ରାଧାନାଥ ରଥ



ଯିବି ଆର ପାରି

(କବିତା ସଂକଳନ)

ଡଃ. ରାଧାନାଥ ରଥ

ପ୍ରକାଶକ :
ଗୋପବନ୍ଧୁ ସାହିତ୍ୟ ମନ୍ଦିର
ଗୋପବନ୍ଧୁ ଭବନ, କଟକ

ଯିବି ଆଉ ପାରି

(କବିତା ସଂକଳନ)

ଡଃ. ରାଧାନାଥ ରଥ

ସମ୍ପାଦକ 'ସମାଜ'

ଛାପା ସଂଖ୍ୟା - ୩୦୦୦

ପ୍ରକାଶକ :

ଗୋପବନ୍ଧୁ ସାହିତ୍ୟ ମନ୍ଦିର

ଗୋପବନ୍ଧୁ ଭବନ, କଟକ

ପ୍ରଥମ ପ୍ରକାଶନ : **୨୧ ଡିସେମ୍ବର ୧୯୯୬**

ପ୍ରଚ୍ଛଦ, ଅଳଂକରଣ - ଜ୍ଞାନେନ୍ଦ୍ର କୁମାର ରଥ

ମୁଦ୍ରଣ :

ପାଲ୍ ପ୍ରିଣ୍ଟସ ପ୍ରାଇଭେଟ୍ ଲିମିଟେଡ୍

ଓଡ଼ିଆ ବଜାର, କଟକ-୭୫୩୦୦୧

ଫୋନ୍ - ୬୧୬୧୯୩, ୬୨୦୫୯୩

ମୂଲ୍ୟ - ଟ୧୮.୦୦ ମାତ୍ର

ମୁଖବନ୍ଧ

‘‘ନୀଳାଚଳେ ନେତ୍ର ନୀର’’ ଓ ‘‘ବନ୍ଦୀର ମର୍ମବାଣୀ’’ ପ୍ରକାଶିତ ହେବା ପରେ ଆଜି ଶତ ବର୍ଷ ଜୟନ୍ତୀ ଅବସରରେ ଶତାବ୍ଦୀ ପୁରୁଷ ପୂଜ୍ୟ ବାବୁଜୀ (ଡକ୍ଟର ରାଧାନାଥ ରଥ)ଙ୍କର ବ୍ରହ୍ମପୁର ଜେଲରେ ଲିଖିତ ଅନ୍ୟ କେତେକ କବିତାର ସଂକଳନ‘‘ଯିବି ଆର ପାରି’’ ପ୍ରକାଶିତ ହେଉଥିବାରୁ ଅନ୍ତରରେ ଗଭୀର ପରିତୃପ୍ତି ଅନୁଭୂତି ହେଉଛି । ଜଣେ କବି ପ୍ରାଣ ଭାବପ୍ରବଣ ଦରଦୀ ଜନନେତା ଭାବରେ ସମଗ୍ର ଜୀବନରେ କିଞ୍ଚିତ ଅବସର ପାଇଲେ ସେ ଲେଖନୀ ଚାଳନା କରିଛନ୍ତି । କବିତା, ନାଟକ, ନିବନ୍ଧରେ ତାଙ୍କର ସାହିତ୍ୟିକ ପ୍ରତିଭା ପ୍ରକାଶିତ ହୋଇଛି ।

‘ସମାଜ’ ପୃଷ୍ଠାରେ ଏକଦା ‘ଘୋଡ଼ ସବାର’ ଛଦ୍ମ ନାମରେ ଓ ୧୯୬୨ରୁ ୧୯୮୮ ପର୍ଯ୍ୟନ୍ତ ‘ଅଣାକାର’ ନାମରେ ସେ ବହୁ ଲଳିତ ନିବନ୍ଧ ଅନୁପମ ଶୈଳୀରେ ରଚନା କରି ଓଡ଼ିଶାର ପାଠକ ବର୍ଗଙ୍କୁ ଏକାଧାରରେ ରାଜନୀତି, ଅର୍ଥନୀତି, ସମାଜ ନୀତି, ଧର୍ମନୀତି, ବେଦ, ବେଦାନ୍ତ, ଦର୍ଶନ ହାସ୍ୟରସ, ଶାଣିତ ବ୍ୟଙ୍ଗ ତଥା କାବ୍ୟରସ ଶୁଦ୍ଧ ବିଚାର ମାଧ୍ୟମରେ ପରିବେଷଣ କରିଛନ୍ତି । ତାଙ୍କର ସଂପାଦକୀୟ ଅର୍ଥନୈତିକ ସମୀକ୍ଷା ତଥା ଦେଶର ଆର୍ଥିକ ସ୍ଥିତିର ନିବିଡ଼ ବାସ୍ତବ ଅନୁଭୂତିର ସ୍ପଷ୍ଟ ଚିତ୍ରରେ ପରିପୂର୍ଣ୍ଣ ଜୀବନ୍ତ, ପରିସଂଖ୍ୟାନରେ ତଥ୍ୟପୂର୍ଣ୍ଣ, ବହୁ ପ୍ରମାଣ, ଦୃଷ୍ଟାନ୍ତ ଓ ଐତିହାସିକ ଚିନ୍ତନରେ ନବବିଚାର ତଥ୍ୟାବଳୀରେ ସମୃଦ୍ଧ । କିନ୍ତୁ ଏ ସମସ୍ତ ଉଚ୍ଚକୋଟୀର ଦେଶହିତୈଷୀ ଜ୍ଞାନଗର୍ଭିକ କାର୍ଯ୍ୟ ଓ ଚିନ୍ତନରେ ପ୍ରତିଫଳନ ନିବନ୍ଧର ତୀରେ ଯେଉଁ ସ୍ୱଚ୍ଛ ସଲିଳ କଳକଳ କବିତାର ସାବଲୀଳ ନଦୀ ବହିଯାଇଛି ତାହା ଅନନ୍ୟ । ତହିଁରେ ତାଙ୍କର ଗୁରୁ କବି ଗୋପବନ୍ଧୁଙ୍କର ପ୍ରଭାବ, ଭାବଧାରା, ଆବେଗ ଓ ଦେଶ ପ୍ରେମର ଉଚ୍ଛ୍ୱସିତ ବ୍ୟାକୁଳତା ସ୍ପଷ୍ଟ ବାରି ହୋଇଯାଏ । ସରଳ, ତରଳ, କୋମଳ ଶବ୍ଦାବଳୀ, ଗ୍ରାମ୍ୟ ଜୀବନର ଚିତ୍ର ଖାଣ୍ଟି ଓଡ଼ିଆ ଭାଷାର ବ୍ୟବହାର ମାଧ୍ୟମରେ ମଣିଷ ପାଇଁ ଅଫୁରନ୍ତ ପ୍ରେମ, ସମ୍ବେଦନା, କରୁଣା,ଆଧ୍ୟାତ୍ମିକ ଦର୍ଶନର ପବିତ୍ର ଚିନ୍ତନରେ ଅଭିଷିକ୍ତ ଭକ୍ତି ରସାଣିତ କବିତାମାଳା ତାଙ୍କର ଗଭୀର ନିବିଡ ପ୍ରଜ୍ଞାଦୀପ୍ତ ସଂବେଦଶୀଳ କବିମାନସର ପ୍ରତିଫଳନ । ତତ୍‌କାଳୀନ ସମାଜର ଅବିକଳ ଚଳଣି, ବିଶେଷତଃ ପଲ୍ଲୀ ଶୋଭା ଓ ସମାଜର ଚିତ୍ର, ସ୍ୱଦେଶପ୍ରେମ, ବନ୍ଦୀ ଜୀବନର

ଯନ୍ତ୍ରଣା, ସାମାଜିକ କୁସଂସ୍କାର ମଧ୍ୟରେ ମୂଲ୍ୟବୋଧ ଏତେ ସରଳ, ବୋଧଗମ୍ୟ ଭାଷାରେ, ଛନ୍ଦମୟ ଭଙ୍ଗୀରେ ସେ ଲେଖିଛନ୍ତି ଯାହା ଓଡ଼ିଆ ସାହିତ୍ୟର ଏକ ସଫଳ ରୂପାୟନ ବୋଲି ପାଠ କଲା ମାତ୍ରେ ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରି ପାରିବେ, ତାଙ୍କର କାବ୍ୟ ଶୈଳୀ, ଅନନ୍ୟ, ସ୍ୱତନ୍ତ୍ର, ସାବଲୀଳ ଓ ଭାବଗ୍ରାହୀ ।

ଆଲୋଚିତ ପୁସ୍ତିକାରେ 'ବନ୍ଦୀ ଜୀବନ' ଏକ ସୁଦୀର୍ଘ କବିତା । ବନ୍ଧନର ଭୟଙ୍କର ଅନୁଭୂତିକୁ କବି କେତେ ସରଳ, ନିଷ୍କପଟ ଭାବରେ ଦେଖି, ପ୍ରତ୍ୟକ୍ଷ ଅନୁଭବ କରି କବି ତ'ାର ଭାଷାରେ ବନ୍ଦୀଘରର ଅବିକଳ ଚିତ୍ର ସେ ପ୍ରକାଶ କରିଛନ୍ତି । ଏହାର ସୌନ୍ଦର୍ଯ୍ୟ ନିଆରା ।

ଚାରିପଟେ ମେଘନାଦ ପାଚିରି ଘେରିଛି
ଦୂରେ ଠାଏ ତୁଙ୍ଗ ଗିରି ଶିଖର ଟେକିଛି ।
ଠାଏ ଠାଏ ଦିଶେ ଦୂର ପାଦପ ଶିଖର ।
ନାହିଁ କାହିଁ ଏଠି ଲବେ ଦୁବ ଘାସଚେର
ଏପଟୁ ସେପଟ ଖାଲି ଗୋଡ଼ି, ଭୂଇଁ ପଦା
ଶ୍ୟାମଳ ତଳପ ଶୂନ୍ୟ ଘର କୁଟା ଗଦା
ତୁଙ୍ଗ ପଥରଚିରି ଚୌଦିଗେ ଘେରିଛି
ଠାଏ ଲୁହା ଜାଲିବାଡ଼ ଦୁଆର ଖଂଜିଛି
ଯମଦୂତ ପରି ଜଗିଛି ତା ଜଗୁଆଳ,
ଚାହିଁଲେ ଦିଶଇ ପାଶେ ଆନ ବନ୍ଦୀଶାଳ,
ଏ ପାରି ସେ ପାରି ଯିବା ନାହିଁ ଦରକାର ।
ଗଲେ ପୁରସ୍କାର ହେବ ଠେଙ୍ଗୁଣୀ ପାହାର ।''

କେତେ ଜୀବନ୍ତ, କରୁଣ ସତ୍ୟନିଷ୍ଠ ଓ ଭାବରେ ବିଭୂଷିତ ଏ ବର୍ଣ୍ଣନା । ବନ୍ଦୀଶାଳାର ଅନ୍ତରୀଣ ବନ୍ଦୀ କିଭଳି ଭାବରେ କଏଦୀ ଜୀବନ କଟାନ୍ତି, କି କାର୍ଯ୍ୟ କରନ୍ତି । ସେମାନଙ୍କର ଦୁଃଖ ହତାଶା, ଯନ୍ତ୍ରଣା କବି ଯେ ଭଳି ଅନୁଭବ କରିଛନ୍ତି ଓ ତାଙ୍କ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏକ ସୁଦକ୍ଷ ଚିତ୍ରକରର ଅନୁଭବ ଓ ଦୃଷ୍ଟିଭଙ୍ଗୀ ନେଇ ନିପୁଣ ଲେଖନୀ ମୂନରେ ସେ ସେହି ଚିତ୍ର ଅବିକଳ ଚିତ୍ରିଛନ୍ତି ।

ପରାଧୀନ ଭାରତର ବନ୍ଦୀଶାଳରେ ରାଜନୈତିକ ବନ୍ଦୀ ଓ ସାଧାରଣ ବନ୍ଦୀ ମାନଙ୍କର ଶୋଚନୀୟ ଅବସ୍ଥାର ସଫଳ ଚିତ୍ର କବିତା ମାଧମରେ ପ୍ରକାଶିତ । କେତେ ନିରାପରାଧୀ ମଧ ବନ୍ଦୀ ଶାଳରେ ରହି କଷ୍ଟ ପାଉଛନ୍ତି ତାହା ପ୍ରକାଶ କରିବାକୁ ଯାଇ କବି ଲେଖିଛନ୍ତି ।

ପରାଧନ ଅପହରି ପରନାରୀ କରି
କିଏ ପୁଣି ବନ୍ଦୀ ଏଥି ଆମ୍ଘାତୀ ବୋଲି;
କେତେକେତେ ପ୍ରକାରର ଅପରାଧମାନ
କରି ଆସୁଅଛି, କିଏ ଅନ୍ୟେ ଅପମାନ
ଦେଲା ବୋଲି ବନ୍ଦୀଘରେ ହୋଇଅଛି ବନ୍ଧା
ନିର୍ଦ୍ଦୋଷେ ବନ୍ଦୀରେ କେତେ ହୋଇଛନ୍ତି ଛନ୍ଦା
ସତର କେ ଦୋଷୀ, ପୁଣି ମିଛରେ କେ ଫାସି
ଦଣ୍ଡ ପାଉଅଛି ଏଥି ଦେଖୁଛିକେ ଆସି ।
ଦୋଷୀ ନିର୍ଦ୍ଦୋଷ ବିଚାର ନ କରଇ କେହୁ ।
ସରବେ ସମାନ ଏଥି ନର୍କ କୁଣ୍ଡ ଏହୁ ।
ବନ୍ଦୀଶାଳାର ଯନ୍ତ୍ରଣାପ୍ରତି ପଙ୍କ୍ତିରେ ପ୍ରତିଫଳିତ ।
''ଗୁହାଳରେ ଗୋରୁ ଗାଈ ଛାଡି ଦେଲା ପରି
କଏଦୀ ପୁରାଇ ଦ୍ୱାରେ କିଞ୍ଚି ଦେବେ ମାରି ।
ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ ଯାଁଏ ସେ କଏଦୀ
ଶୋଭ ନ ଶୋଭ ସେ ଏଥି ହୋଇଥିବ ବନ୍ଦୀ
ମଶା, ଡାଇଁଶରେ ରାତି ଯାକଥିବ ପଡ଼ି,
ଯାମିନୀ ଯାପିକ ଛିଣ୍ଡା କମଳରେ ଗଡ଼ି ।
ନିଆଁ ପୁଆଁ ଦଉଡ଼ି ବା ଲୁହା କଣ୍ଟା ବାଡ଼ି,
ନ ଯିବ ସେ ଘରେ ଥୋକେ ପିନ୍ଧିଥିବେ ବେଡ଼ି
ମଳମୂତ୍ର ତେଜିବେ ସେ ସେହିଘର କୋଣେ,
ପୁଣି ଗନ୍ଧମୟ ନର୍କୁ ଯିବ କାହୁଁ କେଣେ ।

ସାଧାରଣ ବନ୍ଦୀର ଏହି ଶୋଚନୀୟ ଅବସ୍ଥା ରାଜନୈତିକ ବନ୍ଦୀ ଭାବରେ ବ୍ରହ୍ମପୁର ଜେଲରେ ଥାଇ ୧୯୪୨ ମସିହାରେ ସେ ଦେଖି ଶୋକ, କ୍ଷୋଭରେ ଅଭିଭୂତ ହୋଇଯାଇଛନ୍ତି । ଏଥିରେ ଜୀବନଦର୍ଶନ, ପାପପୁଣ୍ୟ, ବିଚାର, ଶାସକ ଶାସିତ, ସମ୍ପର୍କ, ଆଦି ସମସ୍ତ ସାମାଜିକ ବ୍ୟବସ୍ଥାର କଥା କୁହାଯାଇଛି । କବି ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି ଓ ମୁଖା ଖୋଲି ଦେବାକୁ ମଧ୍ୟ କୁଣ୍ଠା ବୋଧ କରି ନାହାନ୍ତି । ଉଦାହରଣ ସ୍ୱରୂପ

'ସ୍ୱଭାବେ ଦୁର୍ଦ୍ଦାନ୍ତ ଯେହୁ ପାପରେ ବିଳାସ
ମଣେ ଚୋରିନାରୀ ଶଠ ବୁଦ୍ଧିରେ ପୈରୁଷ ।
ଯାହାର ବଡ଼ିମା ଅପକର୍ମରେ କୌଶଳେ
ତା ଦୁର୍ଦ୍ଧର୍ଷ ଖଳ ବୃତ୍ତି ସତେକି ବଦଳେ ?
ଓଲଟି ତା ସଙ୍ଗେ ବଶେ ତରୁଣ ଅପ୍ରାଧୀ
ଶିଖଇ କୁବୁଦ୍ଧି, କୂଟ କଉଶଳ ବ୍ୟାଧି ।
ସଙ୍ଗରେ ତା ସହବାସେ, ବଢ଼େ ନିଷ୍ଠ ବୁଦ୍ଧି
ଏ ବିଧାନେ ନୁହେଁ କେବେ ଆଚରଣ ଶୁଦ୍ଧି ।''

କବି ଦୃଢ଼ ସ୍ୱରରେ ସମାଜକୁ ଚେତାବନୀ ଶୁଣାଇଛନ୍ତି । ଏହା ବ୍ୟତୀତ କେତୋଟି ଜୀବନ ଦର୍ଶନ ପ୍ରତିଫଳିତ ଆଧ୍ୟାମିକ କବିତା ଏହି ସଙ୍କଳନଟିରେ ସ୍ଥାପିତ । ଏପାରିରୁ ଆରପାରିକୁ ଯିବାପାଇଁ ଜୀବନର ବ୍ୟାକୁଳତା ଅତି ଚମତ୍କାର ଭାବରେ ପ୍ରତିଫଳିତ ହୋଇଛି । ''ଯିବି'' ଆରପାରି କବିତାରେ'' ପରମ ସହିତ ମିଶିଯିବାର ଆଗ୍ରହ ସାଧାରଣତ ଜୀବନର ସାୟଂ କାଳରେ ଦେଖା ଦେଇଥାଏ, କିନ୍ତୁ କବି ଜୀବନର ମଧ୍ୟାହ୍ନରେ ସଂସାରର ଅସାରତା, କ୍ଷଣଭଙ୍ଗୁର ମଣିଷ ଜୀବନ ପ୍ରିୟଜନର ବିରହଜନିତ ଦୁଃଖ ଚିର ସତ୍ୟ ମୃତ୍ୟୁର ମହନୀୟତାକୁ ଶ୍ରଦ୍ଧାର ସହ ଅବଲୋକନ କରିଛନ୍ତି । ସୁଧାମୟ, ମଧୁମୟ ବିଶ୍ୱରେ କେହି ଚିରଦିନ ରହିନାହିଁ । ଜଗତରେ ଋତୁ ଆସୁଛି, ଯାଉଛି, କିନ୍ତୁ ଯେ ସଂସାରରୁ ଥରେ ଚାଲିଗଲା ସେ ଆଉ ଫେରି ଆସୁନାହିଁ । ଯଥାର୍ଥରେ ସବୁଜ କବି ଅନ୍ନଦା ଶଙ୍କର ଲେଖିଥିଲେ

'ଜଗତେ ହଜେନା କିଛି ଭାବେ ଜୀବନେ
ବାହାରେ ବେଦନା ନାହିଁ ବେଦନା ମନେ'' ।

କିନ୍ତୁ ଯିବି ଆରପାରିର କବି ଅନ୍ୟ ଦୃଷ୍ଟିକୋଣରୁ ଏହାକୁ ବିଚାର କରିଛନ୍ତି । ଜୀବନର ପ୍ରକୃତ ଗୃହ ପରମର କୋଳ - ସେପାରି, ଏ ପୃଥିବୀ ନୁହେଁ ପଥ ହରାଇ ସେ ଏଠାକୁ ଆସୁଛି । ସମସ୍ତେ ଦିନେ ନା ଦିନେ ସେପାରିକୁ ଯିବେ । ଏ ପାରିର ସ୍ନେହ, ମାୟା ମମତାରେ ବାନ୍ଧି ହୋଇଥିବା ମଣିଷ ପ୍ରିୟଜନରେ ବିଛେଦରେ ଭାଙ୍ଗିପଡ଼େ । ଏ ସବୁ ଦେଖି କବି ଲେଖିଲେ ।

ଆରେ ନାଉରୀ ଭାଇ, ମତେ ନେବୁ କି ବହି,
ଯିବି ଆରପାରି ବାଟ ଥିବେ ମୋ ଚାହିଁ,
ମୋର ବନ୍ଧୁ ସୋଦର ତହିଁ ସଭିଙ୍କ ଘର
ଏପାରିକି ଆସିଗଲି ପଥ ହରାଇ ।

ସେ ପାରିକୁ ଯିବା ଯଦି ମନୁଷ୍ୟ ବାଧ୍ୟ । ତେବେ କାହିକି ସ୍ନେହ, ପ୍ରେମ ମାୟାର ବନ୍ଧନରେ ପଡ଼ି ସେ ଏତେ ସନ୍ତାପିତ ହେଉଛି । ବିଚ୍ଛେଦରେ ମ୍ରିୟମାଣ ହେଉଛି । ଏହି ପ୍ରଶ୍ନ କବି ଚିତ୍ତକୁ ବୈରାଗ୍ୟରେ ଭରି ଦେଇଛି । ତେଣୁ ସେ ଲେଖିଲେ-

ଏତ ଏ ପାରି ଗତି କିଂପା ଆସିଲି ଏଥି
ସାଙ୍ଗସାଥୀ ନ ରହନ୍ତି କେହି ଏଠାଇଁ
ଯହିଁ ଚିର ଆନନ୍ଦ ନହିଁ ପ୍ରଣୟେ ଖେଦ
ଯିବି ତହିଁ ଥିବି ପ୍ରିୟ ତୁଲେ ମୁଁ ରହି ।


ପରମପ୍ରିୟ ପରମେଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ, ବିଶ୍ୱ ପାରାବାର ପାରି ହେବା ପାଇଁ ଇଚ୍ଛୁକ କବି ଆଜି ଜିବନର ସଂଧ୍ୟାରେ ଉପନୀତ ହୋଇ ପରମର ଚିନ୍ତନରେ ନିମଜ୍ଜିତ । ଏହି କବିତା ଠିକ ୫୪ ବର୍ଷ ତଳେ ରଚିତ ହୋଇଥିଲେ ମଧ୍ୟ ଏହାର ଶାଶ୍ୱତ ମୂଲ୍ୟ ରହିଛି । 'ଯିବି ଆରପାରି' କବିତା ସଙ୍କଳନଟି ପୂଜ୍ୟ କବି ଡଃ ରାଧାନାଥ ରଥଙ୍କର ଶତବର୍ଷ ଜୟନ୍ତୀ ଅବସରରେ ତାଙ୍କ ହାତରେ ଅର୍ପଣ କରିବାର ଦୁର୍ଲଭ ସୁଯୋଗ ପରମେଶ୍ୱର ଦେଇଥିବାରୁ ଅପର କରୁଣାମୟଙ୍କ ଚରଣ ତଳେ କୃତଜ୍ଞତାରେ ଶତକୋଟି ପ୍ରଣାମ ଅର୍ପଣ କରୁଛି ।

ମନୋରମା ମହାପାତ୍ର
ସହଯୋଗୀ ସଂପାଦକ 'ସମାଜ'
ଆଜୀବନ ସଭ୍ୟା ଲୋକସେବକମଣ୍ଡଳ

ତା. ୨୧।୧୨।୧୯୯୬


ସୂଚୀପତ୍ର

(ଡକ୍ଟର ରାଧାନାଥ ରଥଙ୍କ ହସ୍ତାକ୍ଷରରେ)



ଆରେ ନାଉରୀ ଭାଇ, ମୋତେ ନେବୁ କି ବହି,
ଯିବି ଆର ପାରି ବାଟ ଥିବେ ମୋ ଚାହିଁ,
ମୋର ବନ୍ଧୁ ସୋଦର, ତହିଁ ସଭିଙ୍କ ଘର,
ଏ ପାରିକି ଆସିଗଲି ପଥ ହରାଇ ।
ଯେତେ ଆସନ୍ତି ଏଥି, ସଭେଁ ଫେରନ୍ତି ସାଥି,
ଜଣେ ହେଲେ ରହିବା ତ ନ ଦେଖିଲଇଁ,
ଆସେ ବସନ୍ତ କାଳ, ଶୋଭେ ତମାଳ ମାଳ,
ଗ୍ରୀଷ୍ମ ଆସି ଗ୍ରାସି ତା'ରେ ଦିଏ ଶୁଖାଇ ।

ଆସେ ବରଷା ଋତୁ, ରଚେ ଶ୍ୟାମଳ ସେତୁ,
ନଦୀ ସରୋବର ନୀରେ ନିଏ ଭସାଇ ।
ଆସେ ଶରତ ଚଳି, ଧରା ଦିଏ ଉଜ୍ଜ୍ୱଳି,
କ୍ଷଣେ ହେମନ୍ତ ହସାଇ, ଯାଏ କନ୍ଦାଇ ।
ପଛେ ଆସି ଶିଶିର, ସିରି ସିରି ସମୀର,
ଶୀତ କରେ ଧରାବୁକୁ ଦିଏ ଥରାଇ ।
ଦୂରୁ ସୁନୀଳ ନଭେ, ପୂର୍ଣ୍ଣ ଚନ୍ଦ୍ରମା ଶୋଭେ,
(ତାକୁ) ଦିନୁ ଦିନ ତଳୁ ତଳ କିଏ ଗ୍ରାସଇ ।
ଆସେ ଅମା ଅନ୍ଧାର, ଦିଶେ କି ବିକଟାଳ,
ନିଶୀ କୋଳେ କ୍ଷୀଣ ଚନ୍ଦ୍ର ଭୟେ ଲୁଚଇ ।





ପୂର୍ବ ଗଗନେ ରବି, ରଚେ କନକ ଛବି,
ତା'କର ପରଶେ ଧରା ହସି ଉଠଇ ।
କ୍ଷଣେ ଲୁଚେ ସେ ଶୋଭା, ଦେଖି ଯାମିନୀ ଉଭା,
ପଶ୍ଚିମ ଗଗନେ ତନୁ ଦିଏ ବୁଡ଼ାଇ ।
ଚାରୁ ବୀଚି ବଲ୍ଲରୀ ଭାବ ପୁଲକେ ପୂରି
ଚୁମ୍ବି ବେଳା ପାଦେ ଦେହ ଦିଏ ମେଲେଇ ।
ବେଳା କର-ପଲ୍ଲବେ ପ୍ରସାରୁ ପ୍ରୀତି ରାଗେ,
ଓଟାରି ନିଅଇ କାଳ ବୁକୁ ଫଟାଇ ।





ପ୍ରିୟ ସଂଗେ ପ୍ରେୟସୀ, ଭାବ ବିଭୋରେ ରସି,
କୁତୁହଳେ ଖେଳୁ କାଳ ଆସେ ଧସାଇ ।
ଭାଙ୍ଗି ସୁଖ-ସଂସାର, ବିଶ୍ୱେ କରି ଅସାର,
ଏକ କୋଳୁ ଆନେ ହେଲେ ନିଏ ଛଡ଼ାଇ ।
ଏ ତ ଏପାରି ରୀତି, କିମ୍ପା ଆସିଲି ଏଥି,
ସାଙ୍ଗ ସାଥୀ ନ ରହନ୍ତି କେହି ଏଠାଇଁ,
ଯହିଁ ଚିର ଆନନ୍ଦ; ନାହିଁ ପ୍ରଣୟେ ଖେଦ,
ଯିବି ତହିଁ ଥିବି ପ୍ରିୟ ତୁଲେ ମୋ ରହି ।

ରଚନା କାଳ : ୧୬.୧୨.୪୨

ବନ୍ଦୀ ଜୀବନ




ଛଅ ମାସ ବିତିଗଲା ଥାଉଁ ବନ୍ଦୀଘର,
ଏ ବନ୍ଧନ ଅନୁଭୂତି କେଡ଼େ ଭୟଙ୍କର !
ଚାରିପଟେ ମେଘନାଦ ପାଁଚିରି ଘେରିଛି,
ଦୂରେ ଠାଏ ତୁଙ୍ଗ ଗିରି ଶିଖର ଟେକିଛି ।
ଠାଏ ଠାଏ ଦିଶେ ଦୂର ପାଦପ ଶିଖର,
ନାହିଁ କାହିଁ ଏଠି ଲବେ ଦୂବ ଘାସ ଚେର ।
ଏପଟୁ ସେପଟ ଖାଲି ଗୋଡ଼ି ଭୂଇଁ ପଦା ।
ଶ୍ୟାମଳ ତଳପ ଶୂନ୍ୟ ଘର କୁଟୀ ଗଦା ।
ତୁଙ୍ଗ ପଥର ପାଚିରୀ ଚୌଦିଗେ ଘେରିଛି,
ଠାଏ ଲୁହା ଜାଲିବାଡ଼ ଦୁଆର ଖଞ୍ଜିଛି ।
ଯମଦୂତ ପରି ଜଗିଛି ତା' ଜଗୁଆଳ,
ଚାହିଁଲେ ଦିଶଇ ପାଶେ ଆନ ବନ୍ଦୀଶାଳ ।
ଏପାରି ସେପାରି ଯିବା ନାହିଁ ଦରକାର,
ଗଲେ ପୁରସ୍କାର ହେବ ଠେଙ୍ଗୁଣି ପାହାର ।
ଅନ୍ତରୀଣ ବନ୍ଦୀ ନାମେ ଅଭିହିତ ଜନେ,
ଜଗଇ ପ୍ରହରୀ ଏଥି ସତର୍କ ନୟନେ ।







ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଧନ ତାଙ୍କର,
ତାଙ୍କ ପାଇଁ କଟକଣା ଅଟେ ଦୃଢ଼ତର ।
ଆର ପାରି ଥିବା ଲୋକେ ବୋଲାନ୍ତି କଏଦୀ,
ନିର୍ଦ୍ଦିଷ୍ଟ ସମୟ ପାଇଁ ହୋଇଛନ୍ତି ବନ୍ଦୀ ।
କଏଦୀ ଜୀବନ ଆହା କେତେ ଦୁଃଖମୟ;
ପଶୁରୁ ବଳି ସେ ହୀନ ପାଷାଣ ହୃଦୟ ।
ଗାଣ୍ଡିମୁଣା ଛିଣ୍ଡା ଗେଞ୍ଜି ଦେହେ ଶୋଭାପାଏ,
ମୁଣ୍ଡରେ ଖପୁରି ଟୋପି କଏଦୀ ଚିହ୍ନାଏ ।
ଗୁହପୋଛା "ଢେଗ" ବୁହା ଗୋଡ଼ି ବାଛେ ଯିଏ,
ରନ୍ଧାବଢ଼ା ଘଣା ପେଲା ସବୁ କରେ ସିଏ ।
ବାସନ ମାଜିବ, ଲୁଗା କାଚିବ କଏଦୀ,
ମାଟି ଖୋଳା, ପାଣି ବୁହା, କାଠହଣା ଆଦି ।
ସେ ଏକା କରିବ ବଗିଚାରେ ଯେତେ କାମ,
ଜେଲବାବୁମାନଙ୍କର ସେ ଅଟେ ଗୋଲାମ ।
କିଏ ଚୋରି, କିଏ ନାରୀ, କିଏ ଛନାକାରୀ,
କିଏ ଡକାୟତି, କିଏ ଠକେଇ ଫିଟୁରି ।




କିଏ ଗଳାକଟା, କିଏ ନରହତ୍ୟାକାରୀ,
କିଏ ଲୁଟି, ପିଟା ପିଟି, କେବା ଅବକାରୀ ।
ମାଲବିକି ରାନ୍ଧି ଖାଇ ନୀଚ ଦୁରାଚାର,
କିଏ ସିନ୍ଧିକଟା କା'ର ଠକେଇ ବେଭାର ।
ପରଧନ ଅପହରି ପରନାରୀ କରି,
କିଏ ପୁଣି ବନ୍ଦୀ ଏଥି ଆତ୍ମଘାତୀ ବୋଲି;
କେତେ କେତେ ପ୍ରକାରର ଅପରାଧମାନ,
କରି ଆସୁଅଛି, କିଏ ଅନ୍ୟେ ଅପମାନ
ଦେଲା ବୋଲି ବନ୍ଦୀ-ଘରେ ହୋଇଅଛି ବନ୍ଧା,
ନିର୍ଦ୍ଦୋଷେ ବନ୍ଦୀରେ କେତେ ହୋଇଛନ୍ତି ଛନ୍ଦା ।
ସତରେ କେ ଦୋଷୀ, ପୁଣି ମିଛରେ କେ ଫାଶି,
ଦଣ୍ଡ ପାଉଅଛି ଏଥି ଦେଖୁଛି କେ ଆସି ।
ଦୋଷୀ ନିର୍ଦ୍ଦୋଷ ବିଚାର ନ କରଇ କେହୁ,
ସରବେ ସମାନ ଏଥି ନର୍କକୁଣ୍ଡ ଏହୁ ।
ଦୁଃଖ ନିର୍ଯାତନା ଏଥି କପାଳ ଲିଖନ,
ଦୟା ମାୟା ଶାନ୍ତି ସୁଖ ଏଠି ବିଡ଼ମ୍ବନ ।

ଧାଡ଼ି ଧାଡ଼ି ଲମ୍ୱା ପକ୍‌କା ଘର ଏଠି ଖଞ୍ଜା,
ସଞ୍ଜାକୁ କଏଦୀ ହେବେ ତା ଭିତରେ ଗୁଞ୍ଜା ।
ଗୁହାଳରେ ଗୋରୁଗାଈ ଛାଡ଼ି ଦେଲା ପରି,
କଏଦୀ ପୂରାଇ ଦ୍ୱାରେ କଞ୍ଚି ଦେବେ ମାରି ।
ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ ଯାଏ ସେ କଏଦୀ,
ଶୋଉ ନ ଶୋଉ ସେ ଏଥି ହୋଇଥିବ ବନ୍ଦୀ ।
ମଶା, ଡାଉଁଶରେ ରାତିଯାକ ଥିବ ପଡ଼ି,
ଯାମିନୀ ଯାପିବ ଛିଣ୍ଡା କମଳରେ ଗଡ଼ି ।
ନିଆଁ ପୂଆଁ ଦଉଡ଼ି ବା ଲୁହାକଣ୍ଟା ବାଡ଼ି,
ନ ଯିବ ସେ ଘରେ ଥୋକେ ପିନ୍ଧିଥିବେ ବେଡ଼ି ।
ମଳମୂତ୍ର ତେଜିବେ ସେ ସେହି ଘର କୋଣେ,
ପୂତିଗନ୍ଧମୟ ନର୍କୁ ଯିବ କାହୁଁ କେଣେ ?
ଥୋକେ ପଡ଼ି ଗଡୁଛନ୍ତି ନିର୍ଜନ ଗୁମ୍ଫାରେ,
ତହିଁ ପୁଣି ହାତଗୋଡ଼େ ବେଡ଼ି ଦିଆ କା'ରେ ।
ଏଡ଼େ କଟକଣାରେ ଟି ତ୍ରାହି ନାହିଁ ତା'ର,
ରାତିରେ ଥରକୁ ଥର ଗଣିବ ୱାଡ଼ର ।
କଳଘଣ୍ଟା ଦେହେ ଖଞ୍ଜା 'ବ୍ଲକ'ର ନମ୍ବର,
ତାକୁ ଧରି ବୁଲୁଥିବ ଟହଲି ୱାଡ଼ର ।
ପ୍ରତି ବ୍ଲକ କାନ୍ଥେ ଥିବ ଭିନ୍ନ ଭିନ୍ନ କୁଞ୍ଚି,
ଟହଲିଆ ଘଣ୍ଟା ପୃଷ୍ଠେ ଦେଉଥିବ ଖଞ୍ଜି ।







ଢଣାଯିବ ତହୁଁ ଠିକେ ଟହଲିଆ ଗତି,
ଲାଗିଥିବ ଏହି ପାଲା ଏଥି ସାରା ରାତି ।
କଏଦୀ କପାଳେ ନାହିଁ ନିଶ୍ଚିନ୍ତ ଶୟନ,
କି ବାଛିବୁ କହ ଏଥି ଅବା ଦୋଷ ଗୁଣ ?
ମାସ ଛ' ମାସ ବରଷ ସଂଖ୍ୟା ଅବା କାର,
କିଏ ବା ପାଇଛି ଆଜୀବନ ଦ୍ୱୀପାନ୍ତର ।
ଏହିଟି ସଂସାର ତାଙ୍କ, ଏହି ତାଙ୍କ ଘର,
ଆତ୍ମୀୟ ସ୍ୱଜନ ବନ୍ଧୁ ବାହାର ସଂସାର ।
ସ୍ୱବୁରୁ ବଞ୍ଚିତ ସେହି ଦରମରା ହୋଇ,
ଶରୀରେ ଜୀବନ ଧରି ବଞ୍ଚି ରହିଛଇଁ ।
ବୋଲନ୍ତି ଏ ବନ୍ଦୀ ଘର ସଂସ୍କାରର ପୀଠ,
'ଶିକ୍ଷା' ପାଇ ବନ୍ଦୀ ଏଠି ପାଲଟିବ ଶିଷ୍ଟ ।
ଶାସ୍ତି ଅନୁତାପେ ପରା ଆସିଯିବ ମନେ,
ମାନସିକ ଶୁଦ୍ଧି ତାର ଅପ୍ରାଧ ମୋଚନେ ;
ଅଭାବୁ ସ୍ୱଭାବ ଯେବେ ହୋଇଥିବ ନଷ୍ଟ,
ସଙ୍ଗ ଦୋଷୁ ହୋଇଥିବ ଯେବେ ପଥଭ୍ରଷ୍ଟ ।




ବନ୍ଧନ-ଆବଦ୍ଧେ ଅପ-ସଂସର୍ଗ ତୁଟିବ,
ବୃତ୍ତି କର୍ମ ଶିଖି ଶ୍ରମେ ଶ୍ରେୟ ସେ ମଣିବ ।
ବାହାର ଭିତର ଭେଦେ ଆସିବ ଚେତନା ;
ଧର୍ମ ଶିକ୍ଷା ପ୍ରାଣେ ଦେବ ସାଧୁ ଉଦ୍ଦୀପନା ·
ଶାସ୍ତି କଷାଘାତେ ବୁଦ୍ଧି ହୋଇବ ସଂଯତ,
ସଂଯମେ ଦୀର୍ଘ ଅଭ୍ୟାସୁ ହୋଇବ ବିରତ
ପାପକର୍ମୁ ଅପରାଧୁ ସମାଜ ଦୁର୍ଗୁଣୁ
ଅପ୍ରାଧୁ ଅର୍ଜିଛି ଶାସ୍ତି ବନ୍ଦୀ ତାହା ଜାଣୁ-
ଏହି ଭାବେ ବନ୍ଦୀ ଘର ବ୍ୟବସ୍ଥା ବିଧାନ,
ହୋଇଥାଏ ଯେବେ ଦେଖୁ ଶାସକ-ପ୍ରଧାନ ।
ବିପରୀତ ଫଳ ବନ୍ଦୀ ବନ୍ଧନ ଫଳାଏ,
ସଂସ୍କାର ନ ଆଣି ପାପ ସଂସାର ଫିଟାଏ ।
ସମାଜେ ବିକ୍ଷିପ୍ତ ଅପରାଧୀ ଦୋଷୀ ଜନେ,
ଏକତ୍ରେ ରୁଣ୍ଡାଇ ଏଥି କଏଦୀ ସଦନେ
ପାପାଚରଣର ରତେ ପୂର୍ଣ୍ଣ ପ୍ରଦର୍ଶନୀ,
ଦୁର୍ଦ୍ଧର୍ଷ କଏଦୀ ଏଠି ହୁଅନ୍ତି ପ୍ରଧାନୀ ।




ସ୍ୱଭାବେ ଦୁର୍ଦ୍ଦାନ୍ତ ଯେହୁ ପାପରେ ବିଳାସ,
ମଣେ ଚୋରିନାରୀ ଶଠବୁଦ୍ଧିରେ ପୌରୁଷ,
ଯାହାର ବଡ଼ିମା ଅପକର୍ମର କୌଶଳେ,
ତା ଦୁର୍ଦ୍ଧର୍ଷ ଖଳ ବୃତ୍ତି ସ'ଙ୍ଗେ କି ବଦଳେ !
ଓଲଟି ତା ସଙ୍ଗ ବଶେ ତରୁଣ ଅପ୍ରାଧୀ
ଶିଖଇ କୁବୁଦ୍ଧି, କୂଟ କଉଶଳ ବ୍ୟାଧି ।
ସଙ୍ଗରେ ତା ସହବାସେ, ବଢ଼େ ନଷ୍ଟବୁଦ୍ଧି,
ଏ ବିଧାନେ ନୁହେ କେବେ ଆଚରଣ-ଶୁଦ୍ଧି ।
ବନ୍ଦୀର ସଂସାର ବଡ଼ ବିଷମ ପ୍ରକାର,
ଦୁଃଖ ଅପମାନ କ୍ଷୁଧା ପ୍ରବୃତ୍ତି ସଂହାର,
ଅନ୍ତରେ ତେଜାଏ ରିପୁ, ଭୀମ ଦୁରାଚାର,
ଅଜ୍ଞାନୀ ମନୁଷ୍ୟ ହୃଦେ କାହିଁ ପ୍ରତିକାର ?
ପ୍ରତିକ୍ରିୟା-ଧର୍ମ ମନ୍ଦୁ ମନ୍ଦ ଉପୁଜିବା,
ଶାସ୍ତିରୁ ଶୋଚନା ଆସି ପାପୁ ଉଧୁରିବା,
ସ୍ୱଭାବରେ ଶିଷ୍ଟ ସାମାଜିକ ଜନ ଯେହିଁ-
ଆକସ୍ମିକେ ଅପରାଧୀ ହୋଇ ଆସିଛନ୍ତି;
ତା ପକ୍ଷେ ସମ୍ଭବ ସିନା ନୁହେ ଚୋର ଖଣ୍ଡେ,
କୁକର୍ମେ ଅଭ୍ୟସ୍ତ ଜନେ ନିବିଡ଼ ଲମ୍ପଟେ ।
ଶାସନ ବିଧାନ ଯେବେ ସମାଜ ଶୋଧନେ,
ଚିତ୍ତବୃତ୍ତି ଦେଇ ଚିନ୍ତୁ ଥାନ୍ତା ସାଧୁପଣେ,
ନ ରଖନ୍ତା ସଭିଙ୍କୁ ସେ ଏକଠୁଳେ ଆଣି,
ବିଭିନ୍ନେ ରଖନ୍ତା ଦୋଷ ଗୁଣ ବୃତ୍ତି ଜାଣି ।




ନାହିଁ ସେ କଳ୍ପନା ନାହିଁ ସଂସ୍କାର ବିଚାର,
ସଂସ୍କାର ନାମେ ଏ ପୀଠେ ଘୋର ଅନାଚାର ।
ନିର୍ମମ ବେଭାରେ ଏଥି ଚିନ୍ତୁ ସାଧୁବୃତ୍ତି,
ଅଲକ୍ଷ୍ୟେ ସଂହାର ପାଏ ଅସହ୍ୟ ଅତୃପ୍ତି ।
ଶୃଙ୍ଖଳାର ଆବରଣେ କରେ ନର୍କ ସୃଷ୍ଟି,
ଦେଖି ନ ଦେଖଇ ଏହା ରକ୍ଷକର ଦୃଷ୍ଟି ।
ବନ୍ଦୀ-ପୁରେ ନିଷିଦ୍ଧ ଯା' ତହିଁ ବନ୍ଦୀ ଲକ୍ଷ୍ୟ,
କି ନ ଆସେ, କି ନ ଘଟେ ନୀଚ ଦୁରାଶୟ ।
'ଖାଇଣି' ଏଠାରେ ମୁଦ୍ରା କି କିଣି ନ ପାରେ,
'ନିଶା' ଧୂଆଁ ବିନିମୟେ ସୁନା କେ ପଚାରେ ।
ରକ୍ଷକେ ଭକ୍ଷକ କରିପାରେ ବନ୍ଦୀ ବୃଦ୍ଧି,
ରକ୍ଷକ ସୁଯୋଗେ ଲୋଡ଼େ ଆପଣା ସମୃଦ୍ଧି ।
ପ୍ରକୃତି ବିକୃତି ପାଇଁ ଏ ପ୍ରଶସ୍ତ ପୀଠ,
ସହଜେ ସାଧୁ ଏଠାରେ ହୋଇଯିବ ଖଣ୍ଡ ।
ସମାଜର ନିମ୍ନ ଶ୍ରେଣୀ ଜନେ ଏଠି ମେଳ,
କଇଦୀ ସମାଜେ ଚର୍ଚ୍ଚା କୂଟବୁଦ୍ଧି ଖେଳ,
ସାଧୁ ସହବାସ ଧର୍ମ ଅଧର୍ମ ବିଚାର,
ମହତ ଭାବନା ପୁଣି ଶିଷ୍ଟ ଉପଚାର,
ବିରଳ ଏ ବନ୍ଦୀ-ପୁରେ ସଂକ୍ଷିପ୍ତ ଭାବନା,
ଶାସନ ଶୃଙ୍ଖଳା ଏଥି ନିର୍ମମ ତାଡନା ।



ରକ୍ଷିତ ରକ୍ଷକ ମଧ୍ୟେ ପ୍ରଭୁ ଦାସ ଭାବ,
ଶୋଷିତ ଶୋଷକ ବୁଦ୍ଧି ଅଲକ୍ଷ ପ୍ରଭାବ,
ବନ୍ଦୀର ସଂସାରେ କରେ ତିକ୍ତ କଳୁଷିତ,
କଇଦୀ-ବିଧାନେ ଗୁରୁ ସଂସ୍କାର ବିହିତ ।
କରନ୍ତି କେତେକ ବୁଣାକାମ, କୃଷିକର୍ମ,
କ୍ଷୁଦ୍ର କାରିଗରୀ ଗୃହଶିଳ୍ପ, ଅନ୍ୟ ଶ୍ରମ,
ମାତ୍ର କୁସଂସର୍ଗେ ଶିକ୍ଷା ହୁଅଇ ବିଫଳ,
ଶଠ ଶିଖାଇବା ସୂକ୍ଷ୍ମ ବୁଦ୍ଧିର କୌଶଳ ।
ବନ୍ଦୀରେ ସହଜ ଶ୍ଳାଘ୍ୟ ଇଚ୍ଛା ଅନୁକୂଳ,
ଜୀବିକା ଅର୍ଜନ ଶ୍ରମେ ମଣେ ସେହୁ ଶୂଳ ।
ପ୍ରକୃତ ନିଦାନ ଦୁଃଖ ଅଭାବ ତାଡ଼ନା,
ସମାଜ ବୈଷମ୍ୟ ତୀବ୍ର ଶୋଷଣ ଗଞ୍ଜଣା ।
ସାମାଜିକ ଅପରାଧ ତା'ର ପ୍ରତିକ୍ରିୟା,
ପ୍ରତିକାର ନୁହେଁ ବନ୍ଦୀପୁରେ ଶାସ୍ତି ଦିଆ ।
ସମାଜ ବିଧାନେ ଯେବେ ସମଦୃଷ୍ଟି ନାହିଁ,
ସମ୍ପଦେ ଲୋଟାଇ କାରେ, ଦାରିଦ୍ର୍ୟେ ସଢ଼ାଇ,
ସମ୍ପଦ ଦାରିଦ୍ର୍ୟ ଦ୍ୱନ୍ଦ୍ୱ କରେ ତୀବ୍ରତର,
ସାମାଜିକ ଅପରାଧ ତା'ର ପ୍ରତିଫଳ ।
ପ୍ରତିକାର ତେଣୁ ଶୁଦ୍ଧ ସମାଜ-ବିଧାନ,
ଦାରିଦ୍ର୍ୟ ମୋଚନ, ସର୍ବେ ସମଶିକ୍ଷା ଦାନ ।



ସାମ୍ୟ ମୈତ୍ରୀ ଭାବେ କଳ୍ପି ଆର୍ଥିକ ସଂସ୍ଥିତ,
ନୈତିକ ସାଧନା, ଧର୍ମ ଈଶ୍ୱରେ ପ୍ରତୀକ ।
ଠୁଳେ ରାଷ୍ଟ୍ରନୀତି ପୁଣି ଧର୍ମେ ବ୍ୟଭିଚାର,
ମାନବ ସଂସ୍ଥିତ କରେ ଭ୍ରଷ୍ଟ ନାରଖାର ।
ରାଷ୍ଟ୍ରରେ ବିପ୍ଳବ ପୁଣି ରାଷ୍ଟ୍ର ସୁଗଠନ,
ଧର୍ମରେ ବିଶ୍ୱାସ ଧର୍ମେ ସମାଜ ଚାଳନ ।
ସମାଜ ବ୍ୟାଧିରେ ଏକା ସ୍ଥିର ପ୍ରତିକାର,
ସେଥିରେ ହିଁ ଅପରାଧୀ ବନ୍ଦୀର ଉଦ୍ଧାର
ଆହା କେବେ ଆସିବ ସେ ପୁଣ୍ୟମୟ ଦିନ,
ହିଂସା ଦ୍ୱେଷ, କୂଟବୁଦ୍ଧି ହୋଇବ ବିଲୀନ ।
ଦୁଃଖ ନିର୍ଯାତନା କେବେ ଭଜିବ ବିଲୟ,
ବିଶ୍ୱେ ଏ ମାନବ ଜନ୍ମ ହେବ ମଧୁମୟ ।
ସଂସାରୀ ମୁଁ, ସଂସାରେ ମୋ ଯାହା ମଣେ ପ୍ରିୟ,
ତା ତୁଳେ ବିସର୍ଜିଥିଲି ରକ୍ତ ମାଂସ ଦେହ,
ସୁଖ ଦୁଃଖ ଅଭାବ ବିପଦ ରୋଗଶୋକ,
ସବୁ ମୁଁ ଲିଭାଏ ଅଙ୍ଗେ ନ ହୋଇ ବିମୁଖ,
ପିତା, ମାତା, ଭାଇ, ବନ୍ଧୁ, ଆତ୍ମୀୟ ସ୍ୱଜନ,
ଧର୍ମକ୍ଷେତ୍ରେ ସାଥି ମୋର ଯେ ବା ଆଜୀବନ,
ସନ୍ତାନ ବୋଲି ଯାହାରେ ପ୍ରାଣୁ ପ୍ରିୟ କରି
ମଣୁଥିଲି, ସେବୁଥିଲି ଦିବସ ଶର୍ବରୀ,



ବନ୍ଧୁଜନ, ପ୍ରୀୟାପ୍ରୀତି, ମୋ ସାଇପଡ଼ିଶା,
ଦେଶବାସୀ ପ୍ରିୟ କର୍ମ-କ୍ଷେତ୍ର ମୋ ବେଉଷା.
ବିସର୍ଜି ମୁଁ ବିଜନେ ବିତାଏ ଏଠି ଦିନ,
ଦିନ ପରେ ଦିନ ମୋର ଆୟୁ ହୁଏ କ୍ଷୀଣ,
କିମ୍ପାଇ ଏ ବିଚ୍ଛେଦ ମୋ, କିମ୍ପାଇ ବନ୍ଧନ ?
କି ଘେନି ଏ ବିପର୍ଯ୍ୟୟ, କି ଘେନି କଷଣ ?
ଏ ଘଟଣ ଘଟାଇଲା କେଉଁ ଅବିବେକୀ ?
କେଉଁ ଅପରାଧେ ଅବା ବନ୍ଦୀ ମୁହିଁ ଏଥି ?
ଲୁଟି ନାହିଁ ପରଧନ, ପୋଡ଼ିନାହିଁ ଘର,
କରି ନାହିଁ ଜ୍ଞାତସାରେ ଲବେ ଅନାଚାର,
ହିଂସା, ଦ୍ୱେଷ, ଗୁପ୍ତକ୍ରିୟା, ଗୁପତ ମନ୍ତ୍ରଣା,
ଦୋଷେ ଦୋଷୀ ନୁହେଁ, ନାହିଁ ଅନ୍ୟାୟ କାମନା,
ସ୍ୱାର୍ଥ ଲୋଭେ କରି ନାହିଁ କାହାରି ଅହିତ,
ଦୁଃଖୀ ମୁଁ ଜୀବନ ମୋର ଦୁଃଖରେ ପିହିତ ।
ଦେଶ ଦଶ ସେବା କରି ଜୀବନ ତେଜିବି,
ସତ୍ୟ ଶୁଦ୍ଧ ପଥେ ରହି ମୁକତି ଲଭିବି ।
ମଣେ ମୁକ୍ତି ପାରତ୍ରିକ ପବିତ୍ର ସାଧନା,
ଶୁଦ୍ଧ ଚିନ୍ତା, ଶୁଦ୍ଧ କ୍ରିୟା, ଦେବ ଆରାଧନା ।
ନରନାରାୟଣ ସେବା ଦୁଃଖୀ ଜନେ ପ୍ରୀତ,
ସାମ୍ୟ ମୈତ୍ରୀ ପୁଣ୍ୟ ପଥେ ସ୍ୱଦେଶ ମୁକତ,

ଏନି ଲକ୍ଷ୍ୟ ଆଜୀବନ ରଖିଛି ବିଶ୍ୱାସ,
ସେନି କର୍ମ ସ୍ରୋତେ ମୁଁ ତ ଦେଇଅଛି ଝାସ ।
ଜ୍ଞାତସାରେ କର୍ମପଥୁ ଖସି ନାହିଁ କେବେ,
ସନାତନ ଧର୍ମ ପଥ ଛୁଡ଼ି ନାହିଁ ଲବେ ।
ତେବେ କିମ୍ବା ବନ୍ଦୀ ମୁହିଁ କି ଦୋଷ ମୋହର,
ଶାସନ ନାମେ କିମ୍ବା ଏ କ୍ରୁର ଅତ୍ୟାଚାର ?
ଏକା ନୁହେଁ ଏଥି ମୁହିଁ, ମୋ ପରି ତ କେତେ,
ବନ୍ଦୀ ହୋଇ ରହିଛନ୍ତି ଶାସକ ସଂକେତେ ।
ନ ଜାଣନ୍ତି କି ଦୋଷେ ଏ ଦୁର୍ଦ୍ଦଣ୍ଡ ଦମନ,
ସର୍ବେ 'ଅପରାଧୀ' ନୁହନ୍ତି ତ କଦାଚନ ।
ଜାତୀୟ ମୁକତି ଜାତି ସ୍ୱାଧୀନ ସାଧନା,
ଦାସତ୍ୱ ମୋଚନ ଦେଶ ରକ୍ଷାର କଳ୍ପନା ।
ନୃଶଂସ ସଂହାର ଲୀଳା ସୃଷ୍ଟି ବିପର୍ଯ୍ୟୟ,
ରାଜ୍ୟ ନାଶ, ରାଷ୍ଟ୍ର-ଭୀତ ଆକ୍ରମଣ ଭୟ ।
ଏଡ଼ି ମାତୃଭୂମି ମାନ ସଂଭ୍ରମ ରଖିବା,
ଦେଶବାସୀ ମାତୃଭୂମି ରକ୍ଷଣେ ଲଢ଼ିବା,
ନୁହେଁ ଅପକର୍ମ, ନାହିଁ ଅପରାଧ ତହିଁ
ଏ ଧର୍ମେ ଚାଳିତ ଜନେ ଅପରାଧୀ କହି ?
କିଏ ଅବା କାହିଁ କେଣେ ଲଗାଏ ଅନଳ,
ବିଭ୍ରାଟ ଘଟାଏ ଉପୁଜାଏ କୋଳାହଳ,






ଏ ନୁହେଁ ଅହିଂସାବାଦୀ ମୁକ୍ତିର ସାଧନ,
ଉଦ୍‌ଭ୍ରାନ୍ତ ବିପ୍ଳବୀ ଅବା କ୍ଷିପ୍ତ ଜନକର୍ମ ।
ସେହି ଆଳେ ସିନା ଏବେ ବିଦେଶୀ ଶାସନ,
ନିର୍ଦ୍ଦୋଷରେ ଦୋଷୀ କରି କରୁଛି ବନ୍ଧନ ।
ବିଦେଶୀ ପ୍ରଭୁତ୍ୱ ପୁଣି ଅମାତ୍ୟଙ୍କ ସ୍ୱାର୍ଥ,
ତା ତହୁଁ ଉପୁଜେ ଦେଶେ ସକଳ ଅନର୍ଥ ।
ସ୍ୱାର୍ଥାନ୍ୱେଷୀ ଶାସକ-ଗୋଷ୍ଠୀର କ୍ରୂର ହସ୍ତ,
କୋଟି ଦେଶବାସୀ ଭୟେ କରୁଥାଏ ତ୍ରସ୍ତ ।
ସ୍ୱାର୍ଥାନ୍ଧ ନ ବୁଝେ ଦେଶେ ହେଲେ ପ୍ରତିଘାତ,
ଦାବାନଳ ପରି ହୁଏ ବିପ୍ଳବ ସଂଜାତ ।
ନ୍ୟାୟ ଦୟା କ୍ଷାନ୍ତି ଭିତ୍ତି ପାଠେଟି ଶାସନ,
ଥାପିଥଲେ ସିନା ଟାଣ ରହନ୍ତା ପତ୍ତନ ।
ମାତ୍ର ଯହିଁ ନାହିଁ ଦୟା ନାହିଁ ନ୍ୟାୟ ଦଣ୍ଡ,
ଆଇନର ଆବରଣ ତଳେ ଯହିଁ ଭଣ୍ଡ,
ନୀଚ ସ୍ୱାର୍ଥ ପାଇଁ ପୀଡ଼ି ନିରୀହ ଜନତା,
ଶୋଷି ରକ୍ତ ନିଜେ ମଣୁଥାଏ ସେ କରତା ।
ଅନୁରକ୍ତ ଭୃତ୍ୟ ବୋଲି ବାହାରେ ଦେଖାଇ,
ନିଗୂଢ଼େ ଶାସନ ଭିତ୍ତି ବସି କୋରୁଥାଇ ।
ତା ସ୍ୱାର୍ଥ ସାଧନ ଏକା ଶାସନ ବଇରୀ,
ସେହି ପାପୁ ନ୍ୟାୟ ଦଣ୍ଡ ବଳେ ପଡ଼ି ଛିଡ଼ି ।







ଲୋଭ ମୋହ ମଦ ମାତ୍ସର୍ଯ ଏ ରିପୁଗଣ,
ସ୍ୱଭାବେ ମାନବେ ସଦା କରେ ଆକ୍ରମଣ ।
ଯେତେ ଥିଲେ ତୃପ୍ତି ନାହିଁ ବେଳୁବେଳ ଲୋଭ,
ଗ୍ରାସେ ସ୍ୱାର୍ଥାନ୍ୱେଷୀ ଜନେ ସୁବୁଦ୍ଧି ଦୁର୍ଲଭ ।
ଲୋଭରୁ ଜନ୍ମଇ ମୋହ, ମୋହ ଆଣେ ମଦ,
ମଦମତ୍ତ ଜନ ପାଏ ମାତ୍ସର୍ଯ୍ୟେ ଆନନ୍ଦ ।
ସ୍ୱଭାବେ ଦୁର୍ବଳ ମନୁଷ୍ୟର ଏହି ଗତି,
ସେ ହେଲେ ଶାସକ ଅବା ହେଲେ ଛତ୍ରପତି ।
ତାକୁ ନିବାରିବା ପାଇଁ ନ ଥିଲେ ବିଧାନ,
ନ ଥିଲେଟି ଜନଶକ୍ତି ଜନମତ ଟାଣ ।
ଲୋଭ ମୋହ ଘୋଟିଯିବ, କରିବ ଅନ୍ଧାର,
ବିଚାର ବୁଦ୍ଧି, ଫଳିବ ତହୁଁ ଅନାଚାର,
ସ୍ୱୟଂ ପ୍ରଭୁ କହିଛନ୍ତି-ବିଷୟରୁ କାମ,
କାମରୁ ଜନ୍ମଇ କ୍ରୋଧ, କ୍ରୋଧରୁ ଜନମ,
ଲଭେ ମୋହ, ମୋହରୁ ଉପୁଜେ ସ୍ମୃତି-ଭ୍ରମ,
ତହୁଁ ବୁଦ୍ଧିନାଶ ଆସେ, ତହିଁରୁ ମରଣ,
ଅଳୀକ ନୁହେଁ ଏ କଥା ଅନୁଭୂତି-ସିଦ୍ଧ
ତେଣୁ ଯୁଗେ ଯୁଗେ ଏହା ଲୋକରେ ପ୍ରସିଦ୍ଧ
ମାନବ, ମାନବ ଚାଳିତ ଦେଶ ଶାସନେ,
ଏହି ମତେ ଆହେ ଶେଷ ଦଶା ବୁଝ ଜନେ ।



ନ୍ୟାୟ ଧର୍ମ ଶୂନ୍ୟ ହେଲେ ରାଜ୍ୟ ରାଷ୍ଟ୍ର-ନୀତି,
ରିପୁ ଦଂଷ୍ଟ୍ର ହୋଇ ଭାଙ୍ଗି ପଡ଼େ ସେ ସଂସ୍ଥିତି,
ଶୋଷଣ ଭିତ୍ତିରେ ଗଢ଼ା ବିଦେଶୀ ଶାସନ,
ଯେଣୁ ରାଜ୍ୟ ଜିଣି ଆସେ ନ କରି ଧରମ,
ନ ରହନ୍ତି ନ ରହିବେ ଏଥି ତ ବିଦେଶୀ,
ପରରାଜ୍ୟ ମଣି ସିନା ନିଅନ୍ତି ନିଃଶୋଷି ।
ଯେବେ ମଣୁଥାନ୍ତେ ଏହା ନିଜ ଜନ୍ମଭୂମି,
ସେବନ୍ତେ ଜନତା ଯେହ୍ନେ ଏ ତାଙ୍କ ଜନନୀ,
ନବ୍ୟ ସଭ୍ୟ ଛାଞ୍ଚେ ଅବା ଗଢ଼ିଲେ ଶାସନ,
କି ହେବ କହ ନ ଥିଲେ ଏ ମୋର ସ୍ୱଜନ-
ସ୍ୱଦେଶ ବୋଲିଟି ଭାବ ମନରେ ଚେତାଇ,
କାହୁଁ ବା ଆସିବ ପ୍ରୀତି ମମତା ଏ ପାଇଁ ।
ତେଣୁ ସ୍ୱାର୍ଥ ଲାଭ ଏହି ଶାସନ ସ୍ୱଭାବ,
ତା ସଙ୍ଗେ ଜଡ଼ିତ ଜନେ ହେବେ କି ନିର୍ଲୋଭ ।
ନ୍ୟସ୍ତ ସ୍ୱାର୍ଥ ବଶେ ରୂଢ଼ ହୋଇଯାଏ ମତି,
ସ୍ୱଦେଶୀ ହୋଇ ନ ରହେ ହୃଦେ ଦେଶ ପ୍ରୀତି ।
ବିଦେଶୀ ସଂସର୍ଗେ କାମ ଉପୁଜଇ ମନେ,
କାମ ଚରିତାର୍ଥ ପାଇଁ ହୃଦେ କ୍ରୋଧ ଜନ୍ମେ,
କ୍ରୋଧ ବଶେ କ୍ଷମତାର ମଦ ଆସେ ବଳେ,
ତହିଁ ଦେଶ-ପ୍ରୀତି-ସ୍ମୃତି-ଭ୍ରଂଶେ ବୁଦ୍ଧି ଟଳେ,




ବୁଦ୍ଧିନାଶୁ ଦେଶ ପ୍ରୀତି ଲିଭିଯାଏ ତା'ର
ସ୍ୱାର୍ଥବିନୁ ଆନ କିଛି ନ ଦେଖେ ସେ ସାର ।
ନ୍ୟାୟଦଣ୍ଡ ଧରି ନ୍ୟାୟେ ଶାସିବା ବିଧାନ,
ଯେ କାହିଁ ବୁଝି ରଖିବ ଶାସନର ମାନ;
ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଏହି ସ୍ୱାର୍ଥବୁଦ୍ଧି,
ଯିଏ ଯାହା ସ୍ୱାର୍ଥ ଧରି ଲୋଡୁଛନ୍ତି ସିଦ୍ଧି,
ଏଭଳି ଶାସନ ଚିର ନ ପାରଇ ରହି,
ଏଭଳି ସଂସ୍ଥାରେ ଜନେ ନିଶ୍ଚେ ହେବେ ଦହି ।
କା'ର ପୁଷ୍ଟ ମାସ କା'ର ହୁଏ ସର୍ବନାଶ,
କେ କୁରୁଡ଼ି କରେ, କା'ର ବହେ ଖରଶ୍ୱାସ ;
କାଳସ୍ରୋତେ ଏହି କ୍ରିୟା ଚରମକୁ ଯାଏ,
ଅଲକ୍ଷ୍ୟେ ଆଗ୍ନେୟଗିରି ଏହା ଉପୁଜାଏ ;
ଅଟେ ବିପ୍ଳବ ଆଗ୍ନେୟଗିରି ଉଦ୍ଗୀରଣ,
ରୋଧିବା ଶକତି ତା'ରେ କା'ର କେତେଦିନ !
କେ ରୋଧିପାରିବ ଏହି କ୍ରିୟା ପ୍ରତିକ୍ରିୟା,
ମୂଳ ବ୍ୟାଧି ନ ଗଲେ ଏ ଶାସନର କାୟା,
ବଳେ ଭାଙ୍ଗି ପଡ଼ିଯିବ ନ ରହିବ ସତ୍ତା,
ଏ ନୁହେଁ କଳ୍ପନା ଅବା ସ୍ୱାର୍ଥାର୍ଥୀର ଚିନ୍ତା,
ଇତିହାସେ ଆହବର ଏହି ପରିଣତି,
ସନାତନ ଜୀବଧର୍ମେ କାଳର ଏ ଗତି ।



ନିଜ ଦେଶ ଦୁଃଖ ନିଜ ଦେଶବାସୀ ଜନେ,
ନିରାହାରେ ମରିବାଟି ଦେଖି କେବା କ୍ଷଣେ
ଧୈର୍ଯ୍ୟ ଧରି ରହିବ ଲବେଟି ଥିଲେ ହୃଦ,
ଧିକ ତା' ଜନମ, ଧିକ ତା' ସୁଖ ସମ୍ପଦ ।
ଶିକ୍ଷା ଶିଖାଇବ ସିନା ଦେଶ ଜନ ପ୍ରୀତି
ମାନବ ଧରମ ନୁହେଁ ଆତ୍ମ-ସୁଖେ ତୃପ୍ତି,
ଆତ୍ମୀୟ-ସ୍ୱଜନ ସାଇ-ପଡ଼ିଶାଙ୍କ ଦୁଃଖ,
ଦେଶବ୍ୟାପୀ ଅସ୍ଥିସାର ନିରୀହ ମୂରୁଖ,
ଲୋକଙ୍କ ଦୁର୍ଦ୍ଦଶା ଦେଖି କେ ପାରିବ ସହି,
ତାଙ୍କ ଦୁଃଖେ ଦୁଃଖୀ ହୋଇ ତାଙ୍କ ମୁକ୍ତି ପାଇଁ,
କର୍ମ କରିବାଟି ଯେବେ ହୁଏ ଅପରାଧ
ତେବେ ଦେହ ଧରି ରହିବାରେ ନାହିଁ ସଧ ।
ଶିକ୍ଷାଧର୍ମ ସବୁ ତେବେ କେବଳ ଛଳନା,
ବାସ୍ତବ ଜୀବନେ ଯେବେ ନାହିଁ ତା ଯୋଜନା ।
ଥୋକେ ଶିକ୍ଷା ନୀତି-ବାଣୀ ଉଚ୍ଚାରଣ କରି,
ନିଗୁଢ଼ ସ୍ୱାର୍ଥ ସାଧନ ଅଭିସନ୍ଧି ଧରି,
ସଂସ୍କାରକ ବିପ୍ଳବୀ ବେଶରେ ଧ୍ୱଜା ଟେକି,
ସଂଗ୍ରାମେ ଡ଼ାକରା ଅବା ଦ୍ୟନ୍ତି 'ବୋଲି' ହାଙ୍କି ।
ଦେଶରେ ମତାଇ ଅଗ୍ନିକୁଣ୍ଡେ ବଳି ଦେଇ,
ବୁଦ୍ଧି ବଳେ ନିଜ ଧନ ଜୀବନ ବଞ୍ଚାଇ,

କ୍ଷମତା ଆଶାରେ ଧରି ତ୍ୟାଗବୀର ଭେକ,
ଯେ ବା ମଣେ ବଢ଼ାଉଛି ସ୍ୱଦେଶର ଟେକ,
ଯେ ବା ସ୍ୱଦେଶ ସାଧନ ବୋଲି ପାଏ ତୃପ୍ତି,
ସ୍ୱପନ ତା' ପାଇଁ ବିଭୁ ଆଶୀର୍ବାଦ ପ୍ରାପ୍ତି ।
ମାତ୍ର ଧର୍ମୋଚିତ ଶିକ୍ଷା ଯା' ପ୍ରାଣେ ସ୍ପର୍ଶିଛି,
ମାନବ ଜୀବନ ମହତ୍ତ୍ୱ ଯେ ବା ବୁଝିଛି,
ତା ପକ୍ଷେ ଏ ଦେଶବ୍ୟାପୀ ଦୁଃଖ ରାଶି ଦେଖି,
ପେଟପୋଷା ବୃତ୍ତି କରି ବୁଜି ଦେଇ ଆଖି,
ଜୀବନ ଧରିବା କେବେ ନୁହେଁଟି ସମ୍ଭବ,
ତା ପାଇଁ ଜୀବନ ହୁଏ ଚିର ଦୁଃଖାର୍ଣ୍ଣବ ।
ତା ଧର୍ମ ଏ ଶାସନ-ସମାଜ-ବ୍ୟଭିଚାର,
ନିବାରି ରଚିବା ପୁଣ୍ୟ ମଧୁର ସଂସାର ।
ମାନବ-ପ୍ରକୃତି ମୁକ୍ତ ଜୀବନ ସମ୍ଭୋଗ,
ମୁକ୍ତିହୀନ ଜୀବନେ ବିକାଶ ଅସମ୍ଭବ ।
ବିଚିତ୍ର ଏ ବିଶ୍ୱ ସୃଷ୍ଟି ବିଚିତ୍ର ତା' ଗତି,
ଦୟା ମାୟା ସାମ୍ୟ ମୈତ୍ରୀ ବିଶ୍ୱଜନ-ପ୍ରୀତି;
'ବସୁଧୈବ କୁଟୁମ୍ବକଂ' ଅପୂର୍ବ କଳ୍ପନା,
ବୈଦିକ ସଭ୍ୟତା ଯୁଗ ମାନବ ସାଧନା,
ଏମନ୍ତେ ଗଢ଼ଇ ମର୍ତ୍ତ୍ୟେ ପୁଣ୍ୟ ଦେବପୁରୀ,
ସମମୁକ୍ତି ସମପ୍ରୀତି ସମସୁଖ ଶିରୀ;






ଏହି ଭାବେ ବିଶ୍ୱ ଧର୍ମ-ମହତ କଳ୍ପନା,
ଆର୍ଯ୍ୟ ଧର୍ମ ଶାସ୍ତ୍ରେ ଅଛି ନିଗୁଢ଼ ଯୋଜନା ।
ଭୋଗ ନୁହେଁ ମାନବର ଯଥାର୍ଥ ଧରମ,
କ୍ଷଣ ଭଙ୍ଗୁର ଅଟଇ ମାନବ ଜୀବନ,
କିଛି ଦିନ ମାତ୍ର ରହି ଲିଭିବ ଯେ ଦେହ,
ତା' ତୁଲେ ବିଷୟ ଭୋଗ ନିମିଷକ ମୋହ ।
ବିଶ୍ୱ-ଧର୍ମ ଅଟେ ବିଶ୍ୱ-ସତ୍ୟର ପ୍ରକାଶ,
ଜୀବେ ସମଦୃଷ୍ଟି ସିନା ସେ ସତ୍ୟ-ନିର୍ଯ୍ୟାସ ।
ଯୀଶୁ ବୁଦ୍ଧ ମହମ୍ମଦ ହିନ୍ଦୁ ଅବତାର
ସବୁରେ ସମାନ ନୀତି ସମ ଉପଚାର ।
ପୁଜଇ ମାନବ ତାଙ୍କୁ ଧର୍ମଗୁରୁ ସରି,
ମାତ୍ର କର୍ମେ ବିପରୀତ ବିରୁଦ୍ଧ ଆଚରି,
ପଶୁ ବଳେ ବନ୍ଦୀ ରାଷ୍ଟ୍ର ନାମେ କରେ ଚୋରି,
ନିରୀହ ଜନତା ଶୋଷେ କ୍ଷମତା ଆବୋରି,
ଧର୍ମ କ୍ଷେତ୍ରେ ଅପରାଧୀ ସେହି ଏକା ଜାଣ,
ତା' ପାଇଁ କର୍ତ୍ତବ୍ୟ ଦୃଢ଼ ଶାସ୍ତିର ବିଧାନ ।
ସତ୍ୟର ପ୍ରଚାରେ ପୁଣି ଶକ୍ତିର ସଞ୍ଚାରେ,
ପ୍ରକୃତ ଅହିଂସା ପଥେ ଜନେ ଚାଳିବାରେ,
ଏ ଶୋଷଣ ଏ ବିଧାନ ଯେବେ ପାଏ ଲୋପ,
ଅନ୍ୟାୟ ନୁହେଁ ତା, ଧର୍ମ ସେଥିର ବିଲୋପ,

ଭାତ ସ୍ୱାର୍ଥେ ଅପସରି ନ କହିଲେ ସତ୍ୟ,
ନିର୍ଭୟେ ବରଜି ହିଂସା ଅଧର୍ମ ଅସତ୍ୟ ।
ନ କଲେ ବିପ୍ଳବ, ଗ୍ଳାନି ମାନବ-ଧରମେ,
ଚିର କାଳେ ମୁକ୍ତିଲାଭ ବିପ୍ଳବ-କରମେ,
ଶୋଷକ ଶାସନ-ସଂସ୍ଥା ବିଲୋପ ସାଧନ
ସର୍ବଥା ଅଟଇ ଶିଷ୍ଟ ମାନବ ଧରମ ।
ସେଥିପାଇଁ ଶାସ୍ତି-ଭୋଗ ଯୋଗର ସାଧନା,
ଜୀବନ ସାର୍ଥକ ସେଥେଁ କେ କରେ ଶୋଚନା ?
ଶୋଚନା ଭଜିବ ଦିନେ ଶାସକ-ସମାଜ,
ସ୍ୱଧର୍ମେ ଅର୍ଜିବ ଦିନେ ଭାରତ-ସ୍ୱରାଜ ।
ଦାସତ୍ୱ ଶୃଙ୍ଖଳୁ ଦିନେ ମୁକ୍ତ ହେବ ମହୀ,
ଧର୍ମେ ଜୟ ପାପେ କ୍ଷୟ ଅଳୀକ ନୁହଁଇ ।

ରଚନା କାଳ : ୧୯୪୨




ସନ୍ଧ୍ୟା ଭାବନା



ସଞ୍ଜ ଆସିଗଲା, ପ୍ରିୟ, ହୋଇବ ଦୂର ଚିର ସୁନ୍ଦର !
ଦଣ୍ଡେ ରହ ଦେଖି ପ୍ରାଣ ପୂରୁ ମୋହର ନୁହ ଅନ୍ତର ।
ନିତି ନିତି ଆସି ବସୁ ଗଗନ କୋଳେ ପ୍ରଣୟ ଭୋଳେ ।
ଦୂରେ ଦେଖୁ ପଙ୍କଜିନୀ ସରସେ ଦୋଳେ ଅନାଇଁ ଡାଳେ ।
ଅରୁଣ ବରୁଣ ପାଟ ପିନ୍ଧାଇ ତାରେ ପୀୟୂଷ ଧାରେ ।
ହସି ସଖୀ ଦାସୀ ତୁଲେ ସେବେ ପୟରେ ଫଟି ମାଣ୍ଡୁଳେ ।
ଅଙ୍ଗେ ଅଙ୍ଗ ମିଶିଯାନ୍ତା, ବିଚାରେ ମନେ କାହିଁ ଗଗନେ ।
ରହି ମହୀତଳେ ପ୍ରିୟେ ଛୁଏଁ କେସନେଂ ଟାଳିଲା ଘନେ ।
ଧୀରେ ଧୀରେ ଆସି ପାଶେ ବଢ଼ାନ୍ତେ କର କ୍ରମେ ପୟର ।
କାହୁଁ ଆସି ରାହୁ ସମ ଗିରି ଶିଖର କଲୁ ଅନ୍ତର ।

ପଲକେ ଲୋହିତ ରଥେ ପଡ଼ିଲା ଛାଇ ନ ପାରେ ସହି ।
ବିଷାଦ କାଳିମା ତା'ରେ, ଦେଲା ଘୋଡ଼ାଇ ଦୁଃଖେ କାନ୍ଦଇ ।
ଆଶାର୍ଥିନୀ ଆଶା ହୃଦେ ରହ ଗୋ ଧରି ପାହୁ ଶର୍ବରୀ ।
ଲେଉଟି ଆସିବେ ନାଥ, ନୁହନ୍ତୁ ଘାରି ଗଲା ମଉଳି ।
ବୁଡ଼ିଲା ଶିଖରୀ ଚୂଳେ ସେ ରବି ଛବି ଆସଇ ରାବି ।
କଳକଣ୍ଠେ ପକ୍ଷୀ ନୀଡ଼େ, ତା ପ୍ରିୟେ ଭାବି ମୁଁ କାହିଁ ଯିବି ?
ନିର୍ଜନ ମନ୍ଦିର ମୋର ଶୂନ୍ୟ ହୃଦୟ, ଲାଗଇ ଭୟ ।
ବନ୍ଦୀ ହୃଦେ ଜ୍ଞାନରବି ହୁଅ ଉଦୟ ତୁଟୁ ସଂଶୟ ।

ରଚନା କାଳ : ୩୧.୧୨.୧୯୪୨, ବ୍ରହ୍ମପୁର ଜେଲ




ସ୍ୱପ୍ନ-ସଂକେତ

ଆସିଲା ନୟନ ପଥେ,
ସେ ଯେ ନିବିଡ଼ ନିଶୀଥ ରାତେ,
ଅନ୍ତର ମମ କୋରକ ସମ
ଦୋଳାଇ ହିଲ୍ଲୋଳ ବାତେ ।୧।
ଅଜଣା ଅଦେଖା ରୂପେ,
ସେ ଯେ ମାନସ ରାଇଛେ ଚୁପେ,
ଲୁଣ୍ଠିତ କେଶେ ବିଧୁର ବେଶେ
କମ୍ପିତ ଲପନ ଦୀପେ ।୨।
ସଧୀର ଚରଣ ଭାରେ
ସେ ଯେ ଫିଟାଇ ହୃଦୟ ଦ୍ୱାରେ,
ତାମସ ନାଶି ଚେତନେ ରସି
ବିଳସଇ ଅଭିସାରେ ।୩।
ଚଞ୍ଚଳ ବଦନେ ଭାଷେ
ସେ ଯେ ଜ୍ୟୋତି ଝଲକେ ପ୍ରକାଶେ,
ସଙ୍ଗୀତ ଧାରେ ରଞ୍ଜିତାଧରେ
ସ୍ଫୁଟିତ ମଞ୍ଜୁଳ ହାସେ ।୪।




କଳ୍ପନା ସୁନ୍ଦରୀ ଜାଗେ,
ସେ ଯେ ମଧୁର ନର୍ତ୍ତନ ରାଗେ,
ମରୀଚି ସମ ମିଳିତ ମମ
ରୂପେ ନିରୂପେ ସରାଗେ । ୫ ।
ବିସ୍ମୃତି ଗରଭୁ କାହିଁ
ସେ ଯେ ବିସ୍ମିତେ ଆସିଛି ଧାଇଁ,
ମାନସ ପଟେ ବିଜୁଳି ଛୁଟେ
ଝକମକେ ଦେଖୁଥାଇଁ । ୬ ।
ପ୍ରିୟ ପ୍ରତିରୂପେ ଫେରି
ସେ ଯେ ଡାକିଲା କର ପ୍ରସାରି,
କମ୍ପିତ ତନୁ ସିକ୍ତ ନୟନୁ
ସଘନେ ବହଇ ବାରି । ୭ ।
ମଞ୍ଜୁଳ କନକ ବୋଳେ
ସେ ଯେ ବିରାଜି ଦେଖଇ ଡୋଳେ,
ସ୍ତବ୍ଧ ସଦନେ ଶାନ୍ତ ଶୟନେ
ମୋହିତ ପରାଣ ଦୋଳେ । ୮ ।



ଅନ୍ତର ଅଫୁଟ କଳି
ତହୁଁ ପଲକେ ଗଲା ମଞ୍ଜୁଳି,
ସଞ୍ଚିତ ସୁଧା ସିକ୍ତ ବସୁଧା
ମଧୁରେ ଗୁଞ୍ଜାଇ ଅଳି । ୯ ।
ଚହଟି ସୁରଭେ ବାସ
ତା'ର ଫୁଟିଲା ମଧୁର ହାସ,
ଲୁବ୍‌ଧ ନୟନେ କ୍ଷୁବ୍‌ଧ ପରାଣେ
ବୋଇଲି ମୋ ପାଶେ ଆସ । ୧୦ ।
ସଂକେତେ କହିଲା ନାହିଁ
ସେ ଯେ ପଛରୁ ପଛକୁ ଯାଇ,
ଆତୁର ହୃଦ ଅନ୍ତରେ ନାଦ-
ପାପୀରେ କି ମିଳେ କାହିଁ ? । ୧୧ ।
ଉଭେଇ ଗଲା ସେ ତହିଁ
ମୁଁ ତ ଚକିତେ ରହିଛି ଚାହିଁ,
ଡାକିଲା ମୋରେ, ଆସ ସେ ପୁରେ
ମରତେ ମିଳନ ନାହିଁ ।୧୨।

ରଚନା କାଳ : ୨୯.୩.୧୯୪୩, ବ୍ରହ୍ମପୁର ଜେଲ



ଆୟୁ ଯାଉଛି ପୂରି, ଭାଙ୍ଗି ମୋ ଦମ୍ଭ ଚୂରି,
ନୁହେଁ ସେ ଚିଜ ମାତ୍ର ଭାଙ୍ଗିବାର,
ମଣେ ସେ ଅସ୍ଥିସାର, ମେଦ ରକତ ଧାର
ନୁହେଁ ସେ ସ୍ଥୁଳ ରୂପ ଧରିବାର ।
ମନ୍ଦିର ସିଂହାସନ, ନୁହେଁ ସେ ମୂର୍ତ୍ତିମାନ,
ସେ ନୁହେଁ ନେତ୍ରପଥେ ଦେଖିବାର,
ସେ ନୁହେଁ ସୁଖ ଦୁଃଖ, ସେ ନୁହେଁ ରୋଗ ଶୋକ,
ସେ ନୁହେଁ ହିଂସା ଦ୍ୱେଷ ନାଶିବାର ।
ସେ ନୁହେଁ ଉପଚାର, ସେ ନୁହେଁ ମିଥ୍ୟାଚାର,
ସେ ନୁହେଁ ରୂପ ରସ ଗନ୍ଧ ସାର,
ସେ ନୁହେଁ ଯୋଗ ଭୋଗ, ସେ ନୁହେଁ ଭୟ କ୍ରୋଧ,
ସେ ନୁହେଁ ଅଭିମାନ ତୁଟିବାର ।

ସେ ନୁହେଁ ଅଭିଳାଷ, ସେ ନୁହେଁ ମୋହ ପାଶ,
ସେ ନୁହେଁ ଦେହବଶ ଫିଙ୍ଗିବାର,
ସେ ନୁହେଁ ପରିସୀମ, ସେ ନୁହେଁ ଯୁଗଧର୍ମ,
ସେ ନୁହେଁ କାମ୍ୟ କର୍ମ ଅନୁସାର ।
ସେ ଦିବ୍ୟ ବୃଦ୍ଧିସାର, ସେ ଶାନ୍ତି ସୁଧାଧାର,
ସେ ଅଦୃଷ୍ଟ ଅଦୃଶ୍ୟ ଅଣାକାର,
ସେ ଶୁଦ୍ଧ ପରିମଳ, ସେ ନୁହଁଇ ଚଞ୍ଚଳ,
ବାଧା ବନ୍ଧନ ତା'ରେ ଦୁର୍ନିବାର ।
ସେ ସଦା ସ୍ଥିର ଧୀର, ସେ ଚିତ୍ତ ଅଶରୀର,
ଚିନ୍ମୟ ଶ୍ରୀ ଚୈତନ୍ୟ ନାମ ତା'ର
ନାହିଁ ତା ଭିତିଭୟ, ନାହିଁ ତା ଖେଦକ୍ଷୟ,
ଶତ ବନ୍ଧନେ ବାଧା ନାହିଁ ତା'ର ।
ଦିବ୍ୟ ଶକତି ସେହି, ସେ ଅଟେ ବିଶ୍ୱଜୟୀ,
ଶରୀର ନାମେ ନାମ ନାହିଁ ତା'ର,
ସେ ନିଜେ ସତ୍ୟସାର, ଭାବେ ତା ଅବତାର,
ଜନ୍ମ ମରଣ ଉଚ୍ଚ ପରପାର ।
ସବୁରେ ପରିବ୍ୟାପ୍ତ, ସକଳ ଯୁଗେ ଖ୍ୟାତ,
ସବୁରେ ସେ ପୂଜିତ କାଳକାଳ,
ଯାଉଛି ଦିନ ବହି, ବନ୍ଧନ ଦୁଃଖ ସହି,
ବହୁ ବିଚ୍ଛେଦ ଭାରେ ନାରଖାର ।
ଯାଉ ସେ ଯେତେ କାଳ, ଭାଙ୍ଗୁସେ ଦେହାଧାର
ବିଲୟ ନାହିଁ ସେହି ଚେତନାର,
ସେ ଚିର ଢଳଢଳ ତା'ର ଆଶ୍ରୟ ସ୍ଥଳ,
ଅମୃତମୟ ମୁକ୍ତ ପାରାବାର ।

ରଚନା କାଳ : ୨୨.୮.୧୯୪୩

ନିରାଶ ଅନ୍ତର




ସବୁତ ଯାଇଛି ନାହିଁ ସଙ୍ଗେ କେହି ଏକାକୀ ମୁଁ ଏଥି ପଥିକ,
ନିର୍ଜନ ପ୍ରାନ୍ତରେ ଗହନ କାନ୍ତାରେ ମରୁ ସାଗରେ ମୁଁ ନାବିକ ।
ଯାଉଛି ତ ଯିବି ଯବନିକା ପାରେ ପୋଛି ଦେଇ ସବୁ ସ୍ମୃତିକି,
ଆଜୀବନ ପ୍ରିୟ ପ୍ରଣୟ- ପିପାସା ସାଥେ ମୋ ଆସିଛ କାହିଁକି ?
ମଞ୍ଜୁଳ କାନନେ ମୁକ୍ତ ବାତାୟନେ କେତେ ମୁଁ ରହିଛି ଅନାଇ,
ବିରହ ଲୋତକେ କେତେ ମୁଁ ନିଶୀଥ ବିକଳେ ଦେଇଛି ବିତାଇ ।
କେତେ ମୁଁ ତୋଳିଛି କାନନୁ ସୁମନ କେତେ ମାଳା ଗୁନ୍ଥି ରଖିଛି,
କେତେ ମୁଁ ପ୍ରଦୀପ ଜଳାଇ ହୃଦୟେ ତୋ ପାଇଁ ପଲଙ୍କ ପାତିଛି ।

ଅସୀମ ଆଶାରେ କେତେ ମୁଁ ଅନ୍ତରେ ତୋ ରୂପ ମାଧୁରୀ ପିଇଛି,
ପ୍ରଣୟ ଉନ୍ମାଦେ ରୋମାଞ୍ଚିତ ମୋଦେ କେତେ ମୁଁ ମିଳନ ଇଛଚି ।
କେତେ ମୁଁ ସଂଗୀତ ଲହରେ ତୋ ପାଶେ ଅନ୍ତର ବେଦନା ଗୁଣିଛି,
ପ୍ରତିଧ୍ୱନି ଛଳେ କେତେ ମୁଁ ଅଧୀରେ ଆଶ୍ୱାସନା ଗୀତି ଶୁଣିଛି ।
କେତେ ମୁଁ କାନ୍ଦିଛି ତୋ ପାଇଁ ବିକଳେ କେତେ ମୁଁ ଯାତନା ସହିଛି,
କେତେ ମୁଁ ଏକାନ୍ତେ ଚାହିଁ ଶୂନ୍ୟ ପଥେ ଖୋଜି ଖୋଜି ତୋତେ ଯାଇଛି ।
କେତେ ମୁଁ ସପନେ ଗାଢ଼ ଆଲିଙ୍ଗନେ ତୋ ନେତ୍ରେ ନେତ୍ର ମିଳାଇଛି,
କେତେ ମୁଁ ତୋ ରୂପ କାନ୍ତି ମନେ ଚିନ୍ତି ବିଭୋରେ ଅଚେତ ହୋଇଛି ।
କେତେ ରୋଗ ଶୋକ ଏ ଅଙ୍ଗେ ଭୋଗିଲି କେତେଟି ଧଇର୍ଯ୍ୟ ଧଇଲି,
କେତେ ତ କରୁଣ କଣ୍ଠରେ କାତରେ ଆତୁରେ ହେ ପ୍ରିୟ କହିଲି ।
ସବୁକରି ଯେବେ ତୋତେ ନ ପାଇଲି ଧିକ ଧିକ ଏ ମୋ ସଂସାର,
ପ୍ରୀତିହୀନୁ ବଳି ପ୍ରଣୟେ ନିରାଶ ଅନ୍ତର ଅଧିକ ଅସାର ।

(ରଚନା କାଳ ତା. ୧୦.୧.୪୩ ବ୍ରହ୍ମପୁର ଜେଲ)




ବନ୍ଧୁ



କିଏ ଅବା ମୋର, କା'ରେ ମଣିବି ଆପଣା,
ଘୋର ଦୁଃଖ- ସିନ୍ଧୁଗର୍ଭୁ ଅମୃତ କାମନା,
କାହାଘେନି, କହ ସଦା ଦୁଃଖରେ ମୋ ସାକ୍ଷୀ
କିଏ କ୍ଷମା କରେ ମୋର ଦୋଷରାଶି ଦେଖି ।


ଫିଟାଏ ପରାଣ କାହାପାଶେ ଅସଙ୍କୋଚେ,
ଲଜ୍ଜା ନିନ୍ଦା ଭୀତି ଶୂନ୍ୟେ ନେତ୍ରୁଁ ନୀର ପୋଛେ ।
କିଏ ପର ମୋର, ଭେଦ ଲବେ ନ ଦେଖଇ,
ହୃଦେ ସମଭାବ ବିନିମୟେ ବିକଶଇ ।

କାହାଘେନି ସୁଖ ଦୁଃଖ କାହାର ବିଚ୍ଛେଦେ,
ବହେ ନେତ୍ର ନୀର, ପ୍ରୀତି ବିତରେ ଅଭେଦେ;
କାହାରେ ଅନାଇ ଦେଖେ ଅନ୍ତର ସ୍ୱରୂପ,
ଅଦର୍ଶନେ ନେତ୍ରେ ସଦା ନାଚେ କାହା ରୂପ ?



ସତ୍ୟ ସରଳତା କାହା ତୁଲେ ସମ୍ଭବଇ,
ସଂକୋଚବିହୀନ ହୃଦ ଛଳ ନ ଜାଣଇ;
ମଣେ ସେହି ବନ୍ଧୁ ମୋର ମୁକ୍ତିର ଆଧାର,
ତା ତୁଲେ ମିଳନ ମୋର ପ୍ରୀତି-ପାରାବାର ।
ସକଳ ବନ୍ଧନ ଲଂଘି ଚାଲେ ଯାହା ତୁଲେ,
ବଂଧୁ ସେହି, ବଂଧୁହୀନ ଚିରପଥ ଭୁଲେ ।
ହୃଦ ସରସତା ଫୁଟେ ଯାହାର ସଂଯୋଗେ,
ସ୍ନେହପାଶେ ବନ୍ଧା ସଦା ସୁଖଦୁଃଖ ଭୋଗେ,
ସେହି ଆପଣାର, ତା'ରେ ମଣଇ ମୁଁ ବଂଧୁ,
ତା ଘେନି ଅଚିରେ ତରେ ଘୋର ଦୁଃଖ ସିନ୍ଧୁ ।
ଅବଂଧୁ ଜୀବନ ବୁଡ଼େ ଚିର ଅବିଶ୍ୱାସେ,
ନିରାଶ୍ରୟ ତରୀ ଯଥା ପାରାବାରେ ଭାସେ;
ବିଶ୍ୱାସେ ଆବଦ୍ଧ ଯିଏ, ସେହି ଏକା ବନ୍ଧୁ
ବନ୍ଧୁତ୍ୱ-ବିହୀନ ହୃଦ ଚିର ଦୁଃଖ-ସିନ୍ଧୁ ।

ରଚନାକାଳ - ୫.୧୧.୧୯୪୩, ସ୍ଥାନ- ବ୍ରହ୍ମପୁର ଜେଲ



ସବିତା-ସଙ୍କେତ

ପରାଚୀ ଗଗନେ କିଏ ନିତି ନିତି ଦେଖାଦିଏ
ଢାଳିଦିଏ ଅସରନ୍ତି ଅମୀୟ ଆଭା,
କେ ନିଶି ତାମସ ହରେ ଅଚଳେ ଚଞ୍ଚଳ କରେ
ପ୍ରାଣୀ ପ୍ରାଣେ ପୁଲକରଂ କା'ଦିବ୍ୟ ପ୍ରଭା ।୧।
ଆଲୋକ ଝଲକେ କିଏ ଅଦୃଶ୍ୟରେ ଦୃଶ୍ୟ ଦିଏ
ଅନବଲୋକିତେ ଦୃଷ୍ଟିଭଙ୍ଗେ ଖେଳାଏ,
କଳପନା ବିଭାବରୀ ନେତ୍ରାନନ୍ଦେ ଅବତରି
କାହାଘେନି ସୌନ୍ଦର୍ଯ୍ୟରେ ସ୍ୱରୂପ ପାଏ ।୨।
ସୁଷୁପ୍ତ ପ୍ରଣୟେ କିଏ ଉଦ୍ଦୀପ୍ତେ ଜୀବନ ଦିଏ
ନିମୀଳିତ ନୟନରେ ଫୁଟାଏ ପ୍ରୀତି,
ସୁମନେ ସଞ୍ଚାରେ ଗନ୍ଧ ଖେଳାଏ ମଳୟ ମନ୍ଦ
ଅପୂର୍ବେ ବିକାଶେ ବିଶ୍ୱ ମଧୁର ସ୍ଥିତି ।୩।
କେ ଲୁଟଇ ପ୍ରୀତି-ବନ ନଭେ ଖଞ୍ଜେ ନବଘନ,
କେ ଢ଼ାଳଇ ସୁଧାବାରି ଧରିତ୍ରୀ ଅଙ୍ଗେ,
କେ ଶ୍ୟାମଳ ଦୁର୍ବାଦଳେ କୁଞ୍ଜବନେ ତରୁତଳେ
ରଚଇ ପ୍ରଣୟ ଧରି ମହୀ ଉତ୍ସଙ୍ଗେ ।୪।

କା' ସଂଯୋଗେ ଜୀବଲୀଳା,　　ବିଚିତ୍ର ଗଠିତ ଶିଳା,
ସାଗର ସରିତ ସର ସମ୍ପଦ ଶୋଭା,
ଅଗତିରେ ଦିଏ ଗତି,　　ଗ୍ରହତାରା ପନ୍ତି ପନ୍ତି
କିଙ୍କର ସମ ସେବନ୍ତେ କରେ ନିଷ୍ପ୍ରଭା ।୫।
ସବୁ ଶୋଭା ନିଏ ହରି　　କିଏ ଗଲେ ଅପସରି
ପ୍ରଦୋଷେ କାଳିମାମୟ ମହୀବଦନ,
ଅଦୃଶ୍ୟେ କରେ କାତର　　କାତରତା ଅନ୍ଧକାର
ସଂକୁଚିତ ହୁଏ କାହା ବିନୁ ନୟନ ।୬।
କୋଟି କଳ୍ପ ବିଶ୍ୱେ ଯେହି　　ଅଟଳ ଅଖଣ୍ଡ ରହି,
ଋତୁ ରସ ରଙ୍ଗ ରଚେ କିରଣମାଳେ,
ଯା ଦ୍ୟୁତି ବିଶ୍ୱ-ବିଭୂତି,　　ଯେ ଅଚ୍ୟୁତ କୁଳ-ପତି
ସର୍ବଦା ଦେବତା ଦିବ୍ୟ ଅମୃତ-ଢ଼ାଳେ ।୭।
ସେହି ସେ ଆସଇ ନିତି,　　କରେ ତାର ସ୍ନିଗ୍ଧ ପ୍ରୀତି
ଅପ୍ରୀତି ତା' ଅନ୍ଧକାର ଦିଏ ଘୁଚାଇ,
ଯାଇ ଆସି କହେ ସେହି　　ସଂସାର ଧରମ ଏହି
କ୍ଷଣେ ସୁଖ କ୍ଷଣେ ଦୁଃଖ ଶୋଚ କିମ୍ପାଇ ? ।୮।
ଉଦୟାସ୍ତ ସୁଖ ଦୁଃଖ　　ଅଟେ ମୋ କପାଳ ଲେଖ
ମାତ୍ର ମୁଁ ରହିଛି ନିତ୍ୟେ ଚାହିଁ ଅଟଳ,
ଜନ୍ମମୃତ୍ୟୁ ସୁଖଦୁଃଖ　　ତହିଁରେ ନୋହି ବିମୁଖ
ଚାଲ ପଥ ଧ୍ୟାୟି ପ୍ରଭୁ ପଦକମଳ ।୯।
ଧାଇଁଛି ଅନନ୍ତ କାଳ　　ନାହିଁଟି ବିଶ୍ରାମ ତା'ର
ବାଧାବିଘ୍ନ ଅତିକ୍ରମ ଅନ୍ତିମ ଦେଶେ,
ଅନନ୍ତ ଉଦାର ପଥେ　　ଯାତ୍ରୀ ଚାଲ କର୍ମରଥେ
ଭେଟିବୁ ସଚ୍ଚିଦାନନ୍ଦ ସ୍ୱରୂପ ଶେଷେ ।୧୦।

ରଚନାକାଳ - ୧୯୪୩, ସ୍ଥାନ- ବ୍ରହ୍ମପୁର ଜେଲ

ମୋ ପ୍ରିୟ ଶଶୀ



ସନ୍ଧ୍ୟା ହେଲା, ସନ୍ଧ୍ୟା ହେଲା, ଘନାଇଗଲା ଗଗନେ ନିଶି,
ସଞ୍ଜତାରା, ଦିଶିଲା ତୋରା, ଆସିବ ଫେରି ମୋ ପ୍ରିୟ ଶଶୀ ।୧।
ଭୁଲିନି ତାରେ, ଭୁଲିକି ପାରେ, ତିମିରଧାରେ ସେ ଯେବେ ହସି,
ଢାଳିଲା ସୁଧା, ଖଣ୍ଡିଲା ବାଧା, ତିମିର ଜାଳ ପଲକେ ନାଶି ।୨।
ନାଚଇ ହିଆ, ପୁଲକେ ଆହା, ବିଷାଦଭରା ହୃଦୟୁ ଖସି,
ଫୁଟିଲା ଫୁଲ ଶୋଭା ଅତୁଳ ଶିଶିରଧାରା ଗଲା ବରଷି ।୩।
ଚହଟେ ବାସ, ମୋ ହୃଦେ ଆଶ ପଲକେ ହେଲା ପାଶେ ନ ଆସି
ସମୀର ସ୍ୱନେ ମଧୁର ତାନେ ବାଇଲା ବୀଣା ମୋରେ କି ରସି ।୪।
କି ଗୀତ ଗାଏ, ପୁଲକେ ଚାହେଁ କୁମୁଦ ଦେଖି ଦେଉଛି ହସି
ଚକୋରେ ଦିଏ ପୀୟୂଷେ ପିଏ ଚକୋରୀ ତୁଲେ ପ୍ରେମେ ବିଳସି ।୫।
ପ୍ରୀତି ଯୁଗଳେ ଜୀବନ ଦୋଳେ କିରଣମାଳେ ଦେଖେ ସେ ବସି,
ପୁରକାନନ ସରିତ ଘନ ସବୁରି ଅଙ୍ଗେ ଖେଳେ ପରଶି ।୬।
ମୋଦେ ପ୍ରସରି ପଡ଼ଇ ଝରି ଶ୍ୟାମଳ କୁଞ୍ଜ ତରୁ ଶିରଷି,
ବନ ଗହନେ କିଏ ଗୋପନେ ରହିଛି ଲୁଚି ତା'ରେ ବିରସି ?।୭।

ମନରେ ଭୀତି ! ତାମସ ରାତି ଅଛିଟି ତହିଁ ମଉନେ ବସି !
ଆହା ମୋ ଶଶୀ ଅନାଇ ଭାସି ପଳାଏ କାହିଁ ଯିବ କି ଖସି ! ।୮।
ନଇଲା ପାଶେ, ଗଲା ଆକାଶେ, ନିମିଷେ ନିଭି ଶୂନ୍ୟରେ ମିଶି,
ଶୋକେ ବିମନା, ମହୀ ମଳିନା କାନ୍ଦଇ ଆହା ନାହିଁ ମୋ ଶଶୀ ।୯।
ବିଚ୍ଛେଦ ଭାରେ ଦୁଃଖେ ଆତୁରେ ତାମସ- ବିଷେ ଦେଲା ପରାଶି,
ସରିଲା ଶୋଭା ଲିଭିଲା ଆଭା ସତେ କି ଦେଲା ଜୀବନ ନାଶି ।୧୦।
ଶୂନ୍ୟ ସଂସାର ଲବେ ଅସାର ଲୋତକ ଧାର ପଡ଼ଇ ଖସି,
ନିବିଡ଼ତମ ସାକ୍ଷାତେ ଯମ ନିମିଷେ ସବୁ ଦେଲା ସେ ଧ୍ୱଂସି ।୧୧।
ଆସିଲା ଯାମ କପାଳ ବାମ କରୁଣାହୀନ ସେ ଅବିଶ୍ୱାସୀ,
ଶୋକେ କାତରେ ବିଷାଦଭାରେ ଥରିଲା ହିଆ ଲୋତକେ ଭାସି ।୧୨।
ବୁଡ଼ିଲା ଆଶା, ମୋ ମୁଖ୍ଯ ଭାଷା ନେଲାସେ ଲୁଟି କାମନା ରାଶି,
କି ସୁଖ ଆଉ, ଜୀବନ ଯାଉ ତେଜିଲା ଯେବେ ମୋ ପ୍ରିୟ ଶଶୀ ।୧୩।
ବିଜନଧରା, ବିଷାଦଭରା ସଂଗୀତହୀନ ଯେ ହୃଦବଂଶୀ,
ମୁକୁଳ କେଶେ କଜ୍ଜଳ ବେଶେ କିଏ ସେ ଆସେ ସେ ନୁହେଁ ଶଶୀ ।୧୪।
କମ୍ପଇ କର ଭୟେ କାତର ପିଶାଚୀ ସମ ଦେଖି ସେ ନିଶି,
କୋପନ ନେତ୍ରେ ଚାହିଁ ମୋ ଗାତ୍ରେ ପଡ଼ିଲା ଅଙ୍ଗ ମୋ ଦେହେ ପଶି ।୧୫।
ଅଚଳ ମହୀ ଅଚଳ ମୁହିଁ ଅଦୃଶ୍ୟ ସବୁ ଦେଲାଣି ଗ୍ରାସି,
ସ୍ନେହ ସୁହାସ ପ୍ରଣୟ ଭାଷ ପଲକେ ହେଲେ ଅଣନିଃଶ୍ୱାସୀ ।୧୬।
ନ ଦିଶେ କେହି ଗଲାଣି ସହୀ କେ ଆଉ ମୋରେ ଚାହିଁବ ହସି,
ବିଚ୍ଛେଦ ଯେବେ ସାର ଏ ଭବେ କି ଆଶେ ଆହା ରହିଛି ବସି ।୧୭।
ଡାକିନୀ ନିଶି କଜ୍ଜଳ-ବେଶୀ ଆବୋରି ମୋରେ ଧଇଲା କଷି,
ବୋଇଲା କାହିଁ ତୋ ଚାନ୍ଦମୁହାଁ ରସିକ ଏତେ ରସ୍ତୁ ତୁ ଶଶୀ ! ।୧୮।
ନୟନ ମୁଦି କହିଲି କାନ୍ଦି ଛାଡ଼ି ଦେ ଯିବି ଆକାଶେ ମିଶି,
ଭୁଲିନି ତାରେ ଭୁଲିକି ପାରେ ଯାଇଛି ଯହିଁ ମୋ ପ୍ରିୟ ଶଶୀ ।୧୯।


ରଚନାକାଳ : ୮.୧୦.୧୯୪୩



ରଚିଲ ଯେବେ ହରି   ଏ ଭବ ମାୟାପୁରୀ
'ମୁଁ' ମନ୍ତ୍ରେ ଦୀକ୍ଷା କିମ୍ପା ଦେଲ ମାନବେ ?
ମୋ ମନ, ମୋହ ଧନ,   ମୋ ଘର, ମୋ ସ୍ୱଜନ,
ମୋ ବୁଦ୍ଧି, ମୋ ପ୍ରସିଦ୍ଧି, ବପୁ ଗରବେ ।
'ମୁଁ' କଲି, ମୁହିଁ ଦେଲି   ମୋର ମୁଁ ଯାହା ନେଲି
ସତ୍ୟ ମୁଁ ଯା' କହିଲି ମଣ ସରବେ,
ସୁନ୍ଦର ମୋରେ ମୁହିଁ   ଆନନ୍ଦ ମୋହ ପାଇଁ
ମୋ ଦେଖିବାର ସବୁ ଭୋଗ ବିଭବେ ।
ଜ୍ଞାନ ବିଜ୍ଞାନ ବଳ   ସବୁ ମୋର କବଳ
ସମ ମୋ କଳ୍ପନାର ଏ ଭବେ କାହିଁ ?
ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି   ଅଚଳ ଚଳ ଗୋଷ୍ଠୀ
ସବୁ ଅଳୀକ ଯେବେ 'ମୁଁ' ଏଥି ନାହିଁ ।
ତୁହି ଯେ ସୃଷ୍ଟିଧର   ତୁ ଅଟୁ ଅଣାକାର
ତୁ ନିତ୍ୟ ସର୍ବବ୍ୟାପୀ ସଚ୍ଚିଦାନନ୍ଦ,
ଏ ସିନା ମୋ କଳ୍ପନା   ତୁ କାହୁଁ ମୋହ ବିନା
ତୁ ଚିହ୍ନିବାକୁ ଅଛି କେ ଅନୁବନ୍ଧ ?

ମୋ ବିନୁ ନାହୁଁ ତୁହି ତେଣୁଟି ତୁହି ମୁହିଁ
ମଣେ ମୁଁ ପରିବ୍ୟାପ୍ତ ସକଳ ମହୀ ।
ମାତ୍ର ମୁଁ ଯେବେ ଦେହୀ ଦେହେ 'ମୁଁ' ସିନାଥାଇ
ଦେହ ବିହୁନେ ମୁହିଁ କେମନ୍ତ ହୋଇ ।
ମୋ ଦେହ ସଙ୍ଗେ ମୁହିଁ ଚପଳା ସମ କାହିଁ
ରହିବ କିଏ ଏଥି ମୋହର ଅନ୍ତେ,
ଯିବା ମରିବା ସାର ଯେବେ ଏ 'ମୁଁ' ଅସାର
କିମ୍ପାଇଁ 'ମୁହିଁ' ରୂପ ହେଲା ମରତେ ।
ସବୁରି 'ମୁହିଁ' ପଦ ଯିଏ ଯାଉଛି ଯିବ
ତେଣୁ 'ତୁ' ଘେନି ମଣେ ସୃଷ୍ଟି ସଂସାର,
ଶେଷେ 'ତୁ' ଯେବେ ସାର କିମ୍ପା ଏ ଅହଂକାର
'ମୁଁ' ଯେବେ ନାହିଁ; କାହିଁ କିବା ମୋହର୍ ।
ତୁଟୁ ଏ ଅହଂ ଭାବ ଭାଙ୍ଗୁ ମୋ 'ମୁହିଁ' ଗର୍ବ
'ତୁ' ଏକା ଆଶ୍ରା ଏବେ ବୁଝୁ ମୋ ଚିତ୍ତ,
କାହିଁରେ ନାହିଁ ମୁହିଁ ସର୍ବ କାରଣ ତୁହି
ତୋ କୋଳେ ନିଅ ମୋରେ ଶରଣାଗତ ।

ରଚନାକାଳ : ୧.୧୧.୧୯୨୬





ଏକାନ୍ତେ ଆସି ମୋରେ   ଡାକଇ ଅଭିସାରେ
ବୋଲଇ ଅଛି ତୋର ଚାହିଁ ପଥ,
ଗଲେ ନିଭୃତେ ଧାଇଁ   ବୋଲଇ ନାହିଁ ନାହିଁ
ଥିଲି, ଯାଉଛି, ହେବି ଉପଗତ ।
ଚକିତେ ଦେଖା ଦେଇ   ଚଞ୍ଚଳେ ରୂପ ଫେଇ
ଫେରିଲା ପୁଲକେ ସେ ପ୍ରଣିପାତ,
ମନ ରହିଲା ଲାଖି   ନ ପାରେ ତାରେ ଯୋଖି
କାହିଁ ଗଲା ସେ କାହୁଁ ଉପଗତ ।
ନ ଦିଏ ଲବେ ଧରା   ଦିଶଇ ଅପସରା-
ସମ ସୁନ୍ଦର କେତେ ପ୍ରୀତିଯୁତ,
ଛାୟା ସ୍ୱରୂପେ ଆସେ   ମଧୁ ମଞ୍ଜୁଳେ ହସେ
ପଲକେ ପୁଣି ଲୁଚେ ଅଦଭୂତ ।
କହଇ କେତେ କଥା   ମନରେ ଦେଇ ବ୍ୟଥା
ଦେଖାଏ ପୁଣି ଦୁଃଖହରା ବାଟ,
ଆନନ୍ଦ ସୁଧା ସରି   ମାନସେ ଥିରି ଥିରି
ପୂରଇ ଲବେ ହୃଦ-ପୁର ପଟ ।




ନ ହେଲା ଉପଭୋଗ ନାହିଁ ତା ଉପଯୋଗ
ବୋଲି ଅପେକ୍ଷି ରହେ ଅନୁଗତ,
ତା' ପଥ ଅନୁସରି ଯାଉ ନ ଅପସରି
ବୋଲି ଆସିବି ହେଲେ ଅନୁରକ୍ତ ।
ସମ୍ଭୋଗ ସୁଖ ତା'ରେ ନିହିତ ସୁଧା ଧାରେ
ପୂରିତ ପରାଣ ତା ନାହିଁ ଶେଷ,
ଭୋଗେ ବି ଯାଏ ସରି ପରଶ ନିଏ ହରି
ସଂଯୋଗେ ସଂକୋଚ ତା ଅନିମେଷ ।
କିଏ ସେ ସହଚରୀ କପଟ ପରିହରି
ନ ଆସେ ପାଶେ କରେ ପରିହାସ,
ଚିହ୍ନିଲି ଏବେ ତାରେ ସେ ମୋତେ ସଦା ଘାରେ
'ଆଶା' ତା' ନାମ, ସେ ମୋ ମାୟାପାଶ ।


ରଚନାକାଳ : ୨୨.୮.୧୯୪୩



ଛାଡିଦେ ଯୁବା ତୁ ତୋ ମଧୁର ବେଶ, ଶ୍ମଶାନ ହେଲାଣି ତୋ ସୁଖର ଦେଶ,
ରାଷ୍ଟ୍ର ଗରବେ ଆଜି ସକଳେ ଉଭା, ବୀର ବିକ୍ରମେ ଶୁଣ ବାଜଇ ବାଜା,
ଅସ୍ତ୍ର ଝଣତ୍କାରେ ସେ ଦେଶ ଯୁବା ଚାଲେ
ସୈନିକ ସେ ତା ପଦ ଉଠେ ଗରବେ,
ନାଶି ଅରାତିବର୍ଗ ଶକ୍ତି କରି ତା ଖର୍ବ,
ମୁକ୍ତି କେତନ ତା'ର ଉଡାଏ ଭବେ ।୧।
ଶକ୍ତି ସମ୍ପଦେ ସେହୁ ଜେତା ଜଗତେ, ବକ୍ଷ ତା' ସ୍ଫୀତ ସ୍ୱାଧୀନ ସେ ମରତେ,
ଜ୍ୱାଳାମୟୀ ତା'ଭାଷା କହେ ଏ ହିଆ, ଜ୍ଞାନ ବିଜ୍ଞାନେ ବନ୍ଦୀ ସେ ବିଶ୍ୱ-ନାହା,
ତା'ଦେଶ ଦିଶେ ତୋରା ତା ନାରୀ ବୋଲାଏ ବୀରା,
ତା ଶିଶୁ ରସନା ଗାଏ ବୀର ସଙ୍ଗୀତ,
ସେ ମଣେ ନିଜରେ ପ୍ରଭୁ ଆକାଶ ସିନ୍ଧୁ ଗରଭୁ
ସର୍ବତ୍ର ବିହାର ତା'ର ବିଶ୍ୱ- ବିଦିତ ।୨।
ସେ ଆଜି ଘୋଷଇ ମହୀ ନିର୍ଭୟ ଚିତ୍ତ, ସେ ଆଜି ମଣଇ ସୃଷ୍ଟି ଆପଣା ବିତ୍ତ,
ଆତ୍ମ-ଗରବେ ମନ୍ଦ୍ରେ ବୋଲେ ସେ ଗିର, ପଦାଘାତ କରେ ଆଜି ସେ ଧରାଶିର,
ମଣଇ ତୋରେ ସେ ଦାସ ଦେଖି ତୋରେ ପରିହାସ,
ତୋ ଜନନୀ ବକ୍ଷେ ବୀର ଗର୍ବେ ସେ ଠିଆ,
ବୋଲେ ସେ ରକ୍ଷକ ତୋର ତୁ ମୂର୍ଖ ଅଜ୍ଞାନୀ ଘୋର
ବିଜିତ ବିଦୀର୍ଣ୍ଣ ଜାତି ତୋ କାହିଁ ହିଆ ? ।୩।

ଶୂନ୍ୟ ସମ୍ପଦ ତୋର ଲୁଣ୍ଠିତ ବିତ୍ତ, ଭୂଗର୍ଭ ବିଦାରି ତୋର କଲା ଆୟତ୍ତ,
ବୁଡ଼ିଲାଣି ତୋହ ଭାଷା ବିଭଙ୍ଗ ତୁହି, ଭୀତି ଭୀରୁତା ବ୍ୟାଧି ଦେଲାଣି ଦହି,
କାନ୍ଦେ ଜନନୀ ତୋର   ନେତ୍ରୁ ଲୋତକ ଧାର
ଝରିପଡ଼େ ଦେଖି ତୋର ନିର୍ବୀର୍ଯ୍ୟ ସ୍ଥିତି
ଶୂନ୍ୟ ସମ୍ପଦ ଶିରୀ   ମୂକ ତୋ ବନଗିରି,
ଜଡ଼ କି ହୋଇଲା ଆଜି ତୋ ସ୍ରୋତସ୍ୱତୀ! ।୪।
ପ୍ରାଣହୀନ- ବିଗ୍ରହକି ତୋ ଦେବାଳୟ, ଅଳୀକ ତୋ ଇତିହାସ ପୁରାଣଚୟ,
ଅନ୍ଧ କି ନେତ୍ର ତୋର କୀର୍ତ୍ତିକଳାପେ, ଜୀର୍ଣ୍ଣ କଲ୍‌କୀ ଖଡ଼୍‌ଗ ତୋର ମୁଦ୍ରିତଖାପେ
ବିବସ୍ତ୍ରା ତୋ ନାରୀକୂଳ   କ୍ଷୁଧାର୍ତ୍ତେ ଶିଶୁ ବିକଳ,
ଅସ୍ଥିସାର ଯୁବାବପୁ ଗ୍ରାମଗହଳେ,
ପୌରୁଷହୀନ ପୁରୁଷ   ଅନାହାରେ ଜୀର୍ଣ୍ଣ ବେଶ,
ହାଅନ୍ନ ଚିନ୍ତାରେ ତାର କଣ୍ଠା ଦୋହଲେ ।୫।
ଏହିକି ସେ ଭାରତ ବିଶ୍ୱେ ଯା ଧ୍ୱଜା, ବୈଦିକ ଯୁଗୁ ମର୍ତ୍ତ୍ୟ ମାନବ ମଜ୍ଜା,
ଝଙ୍କାରିତ କଲା ଧର୍ମ କର୍ମ ବୀରତ୍ୱେ, ଅତୁଳ ଶକ୍ତି ସଭ୍ୟତା ଯାର ଜଗତେ,
କାହିଁ ତା ପ୍ରତାପ ରାଣା   ଦୁର୍ଗାବତୀ ବୀରାଙ୍ଗନା,
କାହିଁ ଐର ଖାରବେଳ, ଅଶୋକ ଯୋଦ୍ଧା,
କାହିଁ ରାଜପୁତ ବୀର   କାହିଁ ଖଡ଼୍‌ଗ ଝଣତ୍କାର,
କାହିଁ ସଭ୍ୟତା ସମ୍ରାଜ୍ୟ ବୋଇତ ବନ୍ଧା ।୬।
ତୁହି କି ଦାୟାଦ ସେହି ଜାତିର ଯୁବା, ବିଭାସ ବିବେଶ ଦାସ ସେବକ ସଜ୍ଜା,
କ୍ରୀତ ବିକୃତ ଆଜି ତା' ତୁ ଅନୁଚର, ରକ୍ତ ବହେଟି ତୋର ଧମନୀ ଧାର
ଫିଙ୍ଗ ତୋ ମଧୁ ବେଶ   ଫିଙ୍ଗୁ ନାରୀ ତା କେଶ,
ବଜ୍ର ବୁକୁରେ ବୀର ବିପ୍ଳବେ ସାଜ
ଭାଙ୍ଗ ଶୃଙ୍ଖଳେ ତୋରା   ବୀରଗର୍ବେ ମତୁଆରା
ମୁକ୍ତ ସ୍ୱାଧୀନ ରାଷ୍ଟ୍ର ରଚୁ ତୁ ଆଜ ।୭।

ଭାଙ୍ଗ୍ ଜଡ଼ତା ଭାଙ୍ଗୁ ବିଦେଶୀ ମୋହ, ଫିଙ୍ଗ ବିଳାସ ସୁଖ ବ୍ୟଙ୍ଗ ବିମୋହ,
ଅନାଥେ ନେତ୍ର ଫେଇ ଦେଖ ଦୁର୍ଦ୍ଦଶା, ଜନ୍ମଦା ଜନନୀ ତୋ ଦୁଃଖ ବିବଶା
ପିନ୍ଧ ଲୁହାର ସାଞ୍ଜ   ଦାସ ଶୃଖଳେ ଭାଙ୍ଗ
ମୁକ୍ତ କର ତୁ ମହୀ ମଣ ଆପଣା,
ଗର୍ଜି ବୋଲ ତୁ ଗିର   ଶକ୍ତି ଜନତା ତୋର
ମୁକ୍ତ ଜନତା ଧରୁ ମୁକ୍ତିର ବାନା ।୮।
ଛାଡ଼ରେ ଯୁବା ତୁ ତୋ ମଧୁର ବେଶ, ଶ୍ମଶାନ ହେଲାଣି ତୋ ସୁନ୍ଦର ଦେଶ,
ସନ୍ତାନ ଯେବେ ତୁ ଏ ଜନନୀ ତୋର, ଉଠ ଉଜ୍ଜଳି ତୁଟୁ ଜଡ଼ତା ଘୋର,
ଉନ୍ମତ୍ତେ ନାଚୁ ହୃଦ   ଗର୍ବେ ବାଜୁ ତୋ ବାଦ୍ୟ
ମୁକ୍ତି ସଂଗ୍ରାମେ ବୀର ପଡ଼ ତୁ ଡ଼େଇଁ,
ଉଠ ପୁରୁଷ ନାରୀ   ଉଠ ବାଳ କୁମାରୀ
ଦିଅ ଅଚିରେ ମାତା ବନ୍ଧନ ଫେଇ ।୯।
ଗର୍ବେ ଟେକୁ ତା ଶିର ତୋ ହିମାଚଳ, ଉତ୍‌ଫୁଲ୍ଲେ ନାଚୁ ତୋର ସର ସାଗର
ଗର୍ବେ ଉଡୁ ତୋ ମୁକ୍ତି କେତନ ନଭେ, ବିଶ୍ୱେ ପ୍ରସରୁ ତୋହ ବାଣୀ ସରାଗେ,
ଉଜ୍ଜ୍ୱଳୁ ଦେଶମୁଖ   ଅର୍ଜିତ ମୁକ୍ତି ସୁଖ
ଉପଭୋଗେ ଫୁଲି ଉଠୁ ଜାତିର ଅଙ୍ଗ
ମୁକ୍ତ ଜନତା ଗାଉ   ସର୍ବ ହୃଦେ ନଚାଉ
'ବନ୍ଦେ ମାତରଂ' ମୁକ୍ତି ଗୀତ ତରଙ୍ଗ ।୧୦।



[illegible]

[illegible]

[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]

[illegible]

× × × ×

[illegible]